ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.281 Bhubaneswar Thursday, December 30, 2021 | ୨୪ତମ ବର୍ଷ | ସଂଖ୍ୟା-୨୮୧ | ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୩୦, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ବରିଷ୍ଠ ପୁଲିସସ୍ତରରେ ବଦଳି: ପୁଣି ବଦଳିଲେ ମାଲକାନଗିରି ଏସ୍‌ପି



ଭୁବନେଶ୍ୱର,୨୯।୧୨(ପି.ଏନ) ରାଜ୍ୟ ସରକାର ଆଜି ବରିଷ୍ଠ ପୁଲିସ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ମାଲକାନଗିରି ଏସପି ପ୍ରହଲ୍ଲାଦ ଏସ୍ ମୀନାଙ୍କୁ ବର୍ଷକ ମଧ୍ୟରେ ୩ଥର ବଦଳି କରାଯାଇଥିବାବେଳେ ଆଇପିଏସ୍ ଏସ୍ ସୁଶ୍ରୀଙ୍କୁ ଭୁବନେଶ୍ୱର ଡିସିପି(ଟ୍ରାଫିକ) ଭାବେ ଅବସ୍ଥାପିତ କରାଯାଇଛି।ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ମାଲକାନଗିରି ଏସପି ୨୦୧୭ ବ୍ୟାଚ୍ ଆଇପିଏସ୍ ପ୍ରହଲ୍ଲାଦ ଏସ୍‌ମୀନାଙ୍କୁ ଏଆଇଜି (ହେଡକ୍ୱାର୍ଟର) ଭାବେ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ତାଳଚେର ଏସଡିପିଓ ୨୦୧୮ ବ୍ୟାଚ୍ ଆଇପିଏସ୍ ନୀତେଶ ୱାଧୱାନିଙ୍କୁ ମାଲକାନଗିରି ଏସପି ଭାବେ ଅବସ୍ଥାପିତ କରାଯାଇଛି । ସେହିପରି କେସିଙ୍ଗା ଏସଡିପିଓ ୨୦୧୮ ବ୍ୟାଚ୍ ଆଇପିଏସ୍ ଏସ ସୁଶ୍ରୀଙ୍କୁ ଭୁବନେଶ୍ୱର ଟ୍ରାଫିକ ଡିସିପି ଭାବେ ବଦଳି କରାଯାଇଛି ।ଭୁବନେଶ୍ୱର ଟ୍ରାଫିକ ଡିସିପି ଓପିଏସ୍ ମାୟାଧର ସେଠୀଙ୍କୁ ଡିସିପି, କ୍ରାଇମ ଭାବେ ବଦଳି ହୋଇଛି । ସେହିପରି ୨୦୧୮ ବ୍ୟାଚ୍ ଆଇପିଏସ୍ ତଥା ମାଲକାନଗିରି ଏସଡିପିଓ ଜି. ଅବିନାଶଙ୍କୁ ଏସଟିଏଫରେ ନାର୍କୋଟିକ୍ସ ଏସପି ଭାବେ ବଦଳି କରାଯାଇଛି ।ସେଠାରେ ଥିବା ଓପିଏସ୍ ମାଧୁରୀ ସାମଲଙ୍କୁ କ୍ରାଇମବ୍ରାଂଚ୍ ଏସପି ଭାବେ ଅବସ୍ଥାପିତ କରାଯାଇଛି ।ତେବେ ମାଲକାନଗିରି ଏସପି ଶ୍ରୀ ମୀନାଙ୍କୁ ଗତ ବର୍ଷକ ମଧ୍ୟରେ ୩ଥର ବଦଳି କରାଯିବାକୁ ନେଇ ପୁଲିସ ପ୍ରଶାସନରେ ଚର୍ଚ୍ଚା ଜୋର ଧରିଛି । ମାଲକାନଗିରିରେ ଏସଡିପିଓ ଭାବେ କାର୍ଯ୍ୟ କରିଥିବା ଶ୍ରୀ ମୀନାଙ୍କୁ ୨୦୨୦ ଡିସେମ୍ବର ଶେଷ ସପ୍ତାହରେ ଏସପି ଭାବେ ପଦୋନ୍ନତି ଦିଆଯାଇ ନବରଙ୍ଗପୁରର ଏସପି କରାଯାଇଥିଲା । କିନ୍ତୁ ୬ମାସ ନପୁରୁଣୁ ୨୦୨୧ ଜୁଲାଇ ମାସରେ ତାଙ୍କୁ ପୁଣିଥରେ ମାଲକାନଗିରି ଏସପି ଭାବେ ବଦଳି କରାଗଲା।ତେବେ ମାଲକାନଗିରିରେ ସାମ୍ବାଦିକମାନଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ତାଙ୍କୁ ମହଙ୍ଗା ପଡିଛି । ଏହି ଯୁବ ଆଇପିଏସଙ୍କୁ ଆଜି ପୁଲିସ ହେଡକ୍ୱାର୍ଟରରେ ଆଇଜି ଭାବେ ଅବସ୍ଥାପିତ କରାଯାଇ କେବଳ କ୍ଲରିକାଲ ଜବ୍ କରିବା ନିମନ୍ତେ ଅଘୋଷିତ ଦଣ୍ଡ ଦିଆଯାଇଥିବା ଚର୍ଚ୍ଚା ହେଉଛି ।

## ସ୍କୁଲ ଆଇକାର୍ଡ ଦେଖାଇ ଟିକା ନେଇପାରିବେ ୧୫ରୁ ୧୮ ବର୍ଷର କିଶୋର

ଭୁବନେଶ୍ୱର, ୨୯।୧୨(ପି.ଏନ): ୧୫ ରୁ ୧୮ ବର୍ଷ ପିଲାଙ୍କୁ ଟିକାକରଣ ପାଇଁ ଡେଡିକେଟେଡ୍ ସାଇଟ ଖୋଲିବ ଓ ସେଠି ଦିନତମାମ ଟିକାକରଣ ଚାଲିବ। ଏହାସହ ଯେଉଁ ଟିକାକେନ୍ଦ୍ରଗୁଡିକ ବର୍ତମାନ ଅଛି ସେଠାରେ ପୂର୍ବାହ୍ନ ସମୟ ସକାଳ ୮ଟାରୁ ଦିନ ୧ଟା ସୁଦ୍ଧା ପିଲାଙ୍କୁ କେବଳ ଟିକା ଦିଆଯିବ। ଅନ୍ୟମାନଙ୍କୁ ଅପରାହ୍ନ ସମୟରେ ଟିକା ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି।ସେ କହିଛନ୍ତି ଯେ ୨୦୦୭ କିମ୍ବା ତା ପୂର୍ବରୁ ଯେଉଁ ପିଲା ଜନ୍ମ ହେଇଛନ୍ତି ସେମାନେ ଟିକା ନେବାପାଇଁ ଯୋଗ୍ୟ । ଆଧାର ନଥିଲେ ସ୍କୁଲ ଆଇ କାର୍ଡ ଦେଖାଇ ମଧ୍ୟ ପିଲା ଟିକା ପାଇଁ ପଞ୍ଜିକରଣ କରିପାରିବେ । ସ୍କୁଲରେ ସ୍ୱତନ୍ତ୍ର ଟିକା କେନ୍ଦ୍ର ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତି ନେବ। ବୁଷ୍ଟର ଡୋଜ ନେବା ପାଇଁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୌଣସି ଡାକ୍ତରୀ ସାର୍ଟିଫିକେଟ ଦରକାର ନାହିଁ କେବଳ ସେମାନେ ଡାକ୍ତରଙ୍କ ପରାମର୍ଶ ନେଇ ଟିକା ନେଇ ପାରିବେ ।ବର୍ତମାନ ସୁଦ୍ଧା ୩୪ ଲକ୍ଷ ଲୋକ ଏବେ ବି ପ୍ରଥମ ଡୋଜ ନେଇ ନାହାନ୍ତି।ସେହିପରି ୨୯ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ଟିକା ନେବା ପାଇଁ ବାକି ଅଛନ୍ତି ।

## ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଗାଡିକୁ ଅଣ୍ଡା ମାଡ





ଭବାନୀପାଟଣା,୨୯।୧୨(ପି.ଏନ): ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ବିବାଦୀୟ ହୋଇପଡିଥିବା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଗାଡି ଉପରକୁ ଅଣ୍ଡା ମାଡ ହୋଇଛି।କଂଗ୍ରେସ ପକ୍ଷରୁ ଅଣ୍ଡା ମାଡ ହୋଇଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କୁ କଳା ପତାକା ପ୍ରଦର୍ଶନ କରାଯାଇଛି।ଆଜି ସନ୍ଧ୍ୟା ବେଳେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କେସିଙ୍ଗାରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କରିବାକୁ ଯାଉଥିଲେ। ଏହି ସମୟରେ କଂଗ୍ରେସ କର୍ମୀମାନେ ତାଙ୍କ ଗାଡି ଉପରକୁ ଅଣ୍ଡା ମାଡ଼ କରିବା ସହ କଳା ପତାକା ପ୍ରଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତକୁ ନେଇ ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଛକ ଛକରେ ପୁଲିସ ଜଗି ରହିଥିଲେ। ଏହା ସତ୍ତ୍ୱେ ମନ୍ତ୍ରୀଙ୍କ ଗାଡି ଉପରକୁ କଂଗ୍ରେସ କର୍ମୀମାନେ ଅଣ୍ଡା ମାଡ କରିଛନ୍ତି।ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ ରାଧେଙ୍କୁ ଗିରଫ କରିଛି। ଗୋବିନ୍ଦଙ୍କ ସହିତ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଫଟୋ ଭାଇରାଲ୍ ହେବା ପରେ ରାଜ୍ୟ ରାଜନୀତି ଉଷ୍ମ ହୋଇଥିଲା। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଓ ଗିରଫ ଦାବି କରିଥିଲା ବିଜେପି ଓ କଂଗ୍ରେସ। ମନ୍ତ୍ରୀ ଓ ବିଜେଡି ବିଧାୟକଙ୍କୁ ସବୁଠି ବରୋଧ କରାଯାଇଥିଲା। ଏପରିକି ଅନେକ ମନ୍ତ୍ରୀଙ୍କୁ ଅଣ୍ଡା ମାଡ ହୋଇଥିଲା।

## ଗୋଟିଏ ଦିନରେ ୨୨୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୯।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୨୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୪୩୮୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୪ ହଜାର ୨୭୮ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୯୩ ରହିଛି । ଆଜି ଚିହ୍ନଟ ହୋଇଥିବା ୨୨୧ ଜଣଙ୍କ ମଧ୍ୟରୁ ୧୨୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୯୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବାଲେଶ୍ୱର ଜିଲ୍ଲାରୁ ୮ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧, ଭଦ୍ରକ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ୧ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୫ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨, ସେହିପରି ଗଂଜାମ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଯାଜପୁରରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଝାରସୁଗୁଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୧, ଖୋର୍ଦ୍ଧାରୁ ୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୭, ଷ୍ଟେଟ୍ ପୁଲରୁ ୨୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ନନ୍ଦନକାନନରେ ୬ ବାଘ ଛୁଆଙ୍କ ନାମକରଣ

ଭୁବନେଶ୍ୱର, ୨୯।୧୨(ପି.ଏନ): ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଜନ୍ମିତ ୬ଟି ବାଘ ଛୁଆଙ୍କର ନାମକରଣ କରିଛି। ୨୦୨୧ ମାର୍ଚ୍ଚ ୨୮ ତାରିଖରେ ବିଜୟା ଓ ସେଫ୍‌ଙ୍କ ଔରଷରୁ ଜନ୍ମିତ ୩ ଅଣ୍ଡିରା ଛୁଆଙ୍କ ନାଁ ରକି, ବଂଶୀ ଓ ରାକେଶ ରଖାଯାଇଛି। ସେହିପରି ମେଘା ଓ ନନ୍ଦନଙ୍କ ଔରଷରୁ ଜନ୍ମିତ ୨ଟି ଅଣ୍ଡିରା ଓ ଏକ ମାଈ ଛୁଆର ନାଁ ବିବେକ, ଅଭୟ ଓ ସୋହିନ ରଖାଯାଇଛି। ବୁଧବାର ନନ୍ଦନକାନନର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ନାମକରଣ କରାଯାଇଛି। ଅପରପକ୍ଷରେ ଏକ ଭାରତୀୟ ବଜ୍ରକାପ୍ତାକୁ ରେଡିଓ ଟ୍ରାନ୍‌ସମିଟର ଲଗାଇ ହାତୀ ସଫାରୀ ପଛ ବଣରେ ଛଡାଯାଇଛି। ନନ୍ଦନକାନନର ପ୍ରତିଷ୍ଠା ଦିବସ ଅବସରରେ ପିସିସିଏଫ୍ ତଥା ବନ ବିଭାଗର ମୁଖ୍ୟ ଶିଶିର କୁମାର ରଥ ମୁଖ୍ୟ ଅତିଥି ଓ ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ୍ ସମ୍ମାନିତ ଅତିଥି ଥିଲେ। ନନ୍ଦନକାନନ ବାଇଲୋଜିକାଲ ପାର୍କର ନିର୍ଦ୍ଦେଶକ ଡ. ମନୋଜ ଭି ନାୟର , ପ୍ରାଣୀ ଉଦ୍ୟାନର ଡେପୁଟି ଡାଇରେକ୍ଟର ସଂଜିତ କୁମାର ସମାରୋହରେ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ନନ୍ଦନକାନନର ବାର୍ଷିକ ପୁସ୍ତକ, କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ସେହିପରି ଉଲ୍ଲେଖନୀୟ ସେବା ପାଇଁ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନୂଆବର୍ଷରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରସ୍ତାବିତ ୟୁଏଇ ଯାତ୍ରା ସ୍ଥଗିତ



ନୂଆଦିଲ୍ଲୀ ୨୯।୧୨: ନୂଆ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବିତ ୟୁନାଇଟେଡ ଆରବ ଏମିରେଟସ (ୟୁଏଇ) ଯାତ୍ରାକୁ ସ୍ଥଗିତ କରାଯାଇଛି। ପ୍ରଧାନମନ୍ତ୍ରୀ ଜାନୁୟାରୀ ୬ ତାରିଖ ବେଳକୁ ଗଲଫ ଗସ୍ତରେ ଯାଇଥାନ୍ତେ। ଏହା ଏକ ରଣନୈତିକ ଗସ୍ତ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହାକୁ ସ୍ଥଗିତ କରାଯାଇଥିବା ସୂତ୍ରରୁ ସୂଚନା ମିଳିଛି। ଏହି ସୂତ୍ର ଅନୁସାରେ କୋଭିଡ-୧୯ର ନୂଆ ଭାରିଏଣ୍ଟ ଓମିକ୍ରନର ବଢୁଥିବା ପ୍ରକୋପକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ଭାରତ-ୟୁଏଇ କୁଟନୈତିକ ସମ୍ପର୍କକୁ ୨୦୨୨ ମସିହାରେ ୫୦ ବର୍ଷ ପୂରଣ ହେବାକୁ ଯାଉଛି। ଏହି ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀଙ୍କ ୟୁଏଇ ଗସ୍ତ ନିର୍ଦ୍ଧାରିତ ହୋଇଥିଲା। ଭାରତ ଓ ୟୁଏଇ ଏବେ ସେମାନଙ୍କ ଆର୍ଥିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଲାଗି ଅଗ୍ରସର ହେଉଛନ୍ତି। ଏଥିରେ ବ୍ୟାପକ ଓ ମୁକ୍ତ ବାଣିଜ୍ୟ ଲାଗି ଦୁଇ ଦେଶଙ୍କ ଆଲୋଚ଼ନା ଜାରି ରହିଛି। ଭାରତ ଓ ୟୁଏଇ ନିକଟରେ ଏକ ୪ ଦେଶଙ୍କ ସମୂହରେ ଯୋଗ ଦେଇଛନ୍ତି। ଏଥିରେ ସେମାନେ ବାଣିଜ୍ୟ ଓ ନିବେଶ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ଏହି ସମୂହର ଅନ୍ୟ ଦୁଇ ରାଷ୍ଟ୍ର ହେଉଛନ୍ତି ଆମେରିକା ଓ ଇସ୍ରାଏଲ। ୨୦୧୫ ମସିହାରେ ମୋଦି ପ୍ରଥମ ୟୁଏଇ ଗସ୍ତ କରିଥିଲେ। ଏହି ଗସ୍ତ ପରେ ଦୁଇ ଦେଶଙ୍କ ସମ୍ପର୍କରେ ବେଶ ପ୍ରଗତି ଦେଖା ଯାଇଛି। ମୋଦିଙ୍କ ଗସ୍ତ ପରେ ପରେ ୨୦୧୬ ମସିହାରେ ୟୁଏଇ ସଶସ୍ତ୍ର ବଳର ସର୍ବୋଚ୍ଚ ଉପ କମାଣ୍ଡର ତଥା ଆବୁଧାବୀ କ୍ରାଉନ ପ୍ରିନ୍ସ ମୋହମ୍ମଦ ବିନ ଜାୟଦ ଅଲ ନହାୟନ ଭାରତ ଗସ୍ତରେ ଆସିଥିଲେ। ଏହି ଗସ୍ତ ବାଦେ ସେ ୨୦୧୭ ସାଧାରଣତନ୍ତ୍ର ଦିବସ ପରେଡରେ ନିମନ୍ତ୍ରିତ ଅତିଥି ଭାବେ ମଧ୍ୟ ଯୋଗ ଦେବାକୁ ଦ୍ୱିତୀୟବାର ଭାରତ ଆସିଥିଲେ। ଏହା ପରେ ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ଦୁବାଇରେ ଅନୁଷ୍ଠିତ ଷଷ୍ଠ ୱାର୍ଲଡ ଗଭର୍ଣ୍ଣମେଣ୍ଟ ସମ୍ମିଟରେ ଯୋଗ ଦେବାକୁ ଯାଇଥିଲେ। ଏହା ପରବର୍ଷ ୨୦୧୯ରେ ୟୁଏଇ ମୋଦିଙ୍କୁ ଆମନ୍ତ୍ରିତ କରିବା ସହ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଦି ଅର୍ଡର ଅଫ ଜାୟେଦ'ରେ ସମ୍ବର୍ଦ୍ଧିତ କରିଥିଲା।

## ୩୦ରୁ ୩ ଯାଏଁ ନନ୍ଦନକାନନ ବନ୍ଦ

ଭୁବନେଶ୍ୱର, ୨୯।୧୨(ପି.ଏନ): ଡିସେମ୍ବର ୩୦ ତାରିଖରୁ ଜାନୁଆରୀ ୩ ତାରିଖପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ବନ୍ଦ ରହିବ। ନନ୍ଦନକାନନ ସହ ବଟାନିକାଲ ଗାର୍ଡେନ ମଧ୍ୟ ବନ୍ଦ ରହିବ। ରାଜ୍ୟରେ କରୋନାର ନୂଆ ଭାରିଏଂଟ ଓମିକ୍ରନ୍ ସଂକ୍ରମଣ ରୋକିବା ପାଇଁ ଏହି ନିଷ୍ପତି ନେଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ବର୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ନନ୍ଦନକାନନରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ଆଉ ୨ ଦିନ ପରେ ନୂଆ ବର୍ଷ । ନୂଆ ବର୍ଷରେ ନନ୍ଦନକାନନରେ ପ୍ରବଳ ଭିଡ ହେବାର ସମ୍ଭାବନା ରହିଛି ଏବଂ ଭିଡ଼ ହେଲେ ସଂକ୍ରମଣ ବୃଦ୍ଧି ପାଇପାରେ। ତେଣୁ ନନ୍ଦନକାନନ କର୍ତୃପକ୍ଷ ଡିସେମ୍ବର ୩୦ରୁ ଜାନୁଆରୀ ୩ ପର୍ଯ୍ୟନ୍ତ ୫ ଦିନ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ୍ ବନ୍ଦ ରଖିବାକୁ ନିଷ୍ପତି ନେଇଛନ୍ତି।

## ଇନୋଭେସନ୍ ର୍‍ୟାଙ୍କିଂ (ARIIA)୨୦୨୧ : କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ପ୍ରଥମ ସ୍ଥାନ ବଜାୟ ରଖିଲା କିଟ୍



ଭୁବନେଶ୍ୱର,୨୯।୧୨: ଗବେଷଣା ଓ ସର୍ଜନା କ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟକୁ ମିଳିଛି ଭାରତ ସରକାରଙ୍କ ସ୍ୱୀକୃତି। ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଅଟଳ ର୍‍ୟାଙ୍କିଂ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ଅନ୍ ଇନୋଭେସନ୍ ଆଚିଭମେଣ୍ଟ (ଏଆରଆଇଆଇଏ)ରେ ସମଗ୍ର ଭାରତର ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ବୁଧବାର ପ୍ରକାଶିତ ଏଆରଆଇଆଇଏ-୨୦୨୧ରେ ସମଗ୍ର ଭାରତର ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ରହିଛି। ଆଜି ନୂଆଦିଲ୍ଲୀଠାରେ ଭର୍ଚୁଆଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁଭାସ ସରକାର ଫଳାଫଳ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଅନୀଲ ସହସ୍ରବୁଦ୍ଧେ, ଉପାଧ୍ୟକ୍ଷ ଡ. ଏମ୍. ପି. ପୁନିଆ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ରାକେଶ ରଞ୍ଜନ ଉପସ୍ଥିତ ଥିଲେ। ଏହି ର୍‍ୟାଙ୍କିଂର ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଚଣ୍ଡିଗଡ଼ର ଚିତକାରା ବିଶ୍ୱବିଦ୍ୟାଳୟ ଓ ପଞ୍ଜାବର ଲଭଲୀ ପ୍ରଫେସନାଲ୍ ବିଶ୍ୱବିଦ୍ୟାଳୟ ରହିଛନ୍ତି। ଉଚ୍ଚତର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷକ ଓ ଅଧ୍ୟାପକମାନଙ୍କ ମଧ୍ୟରେ ସର୍ଜନା ଓ ଔଦ୍ୟୋଗିକ ବିକାଶ ସମ୍ପର୍କିତ ମାନଦଣ୍ଡକୁ ଭିତ୍ତିକରି ଭାରତ ସରକାର ଏହି ର୍‍ୟାଙ୍କିଂ ପ୍ରଦାନ କରିଥାନ୍ତି। ସୂଚନାଯୋଗ୍ୟ, ଏହି ର୍‍ୟାଙ୍କିଂରେ ୨୦୨୦ରେ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ରହିଥିଲା। କିଟ୍ ସର୍ବଦା ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଗବେଷଣା ଓ ଔଦ୍ୟୋଗିକ କେନ୍ଦ୍ର, ଅତ୍ୟାଧୁନିକ ପରୀକ୍ଷାଗାର, ଉତ୍କର୍ଷତା କେନ୍ଦ୍ର, ଶିଳ୍ପ ଓ ଆନ୍ତର୍ଜାତିକ ଅନୁଷ୍ଠାନ ସହ ସହବନ୍ଧନ ଓ ସହଭାଗିତା ଯେଗୁଁ ଏହି ର୍‍ୟାଙ୍କିଂରେ କିଟ୍ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ପ୍ରଥମ ସ୍ଥାନରେ ରହିଛି। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିଟ୍‌ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ସେମାନଙ୍କ ଅଧ୍ୟବସାୟ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଲଗାତାର ଦ୍ୱିତୀୟବର୍ଷ ପାଇଁ ଶ୍ରେଷ୍ଠତ୍ୱ ବଜାୟ ରଖିବା କିଟ୍‌ର ସର୍ଜନା ଓ ଗବେଷଣାର ଉତ୍କର୍ଷତା ପ୍ରତିପାଦିତ ହୋଇଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ସମ୍ବଲପୁରର ଗୁଟଖା କମ୍ପାନୀ ବନ୍ଦ କରିବାକୁ ଛାତ୍ର କଂଗ୍ରେସର ଦାବି

ଭୁବନେଶ୍ୱର,୨୯।୧୨(ପି.ଏନ): ସମ୍ବଲପୁରରୁ ଝାରସୁଗୁଡ଼ା ରାସ୍ତା କଡ଼ରେ ପରଧୁଆ ପାଲିରେ କେ.ପି. ସୁଗନ୍ଧ ଲିମିଟେଡ ନାମକ କମ୍ପାନୀ ସରକାରଙ୍କ ସମସ୍ତ ପ୍ରତିବନ୍ଧକ ଓ ନିୟମାବଳୀ ଉଲଙ୍ଘନ କରି "ମଧୁବନ" ସଫଳ ଗୁଟଖା ଓ ପାନମସଲା ଅବାଧରେ ତିଆରି କରୁଛି ।ଅଗ୍ନିଶମ ବିଭାଗରୁ ଏହି କମ୍ପାନୀକୁ ଅନୁମତି ଦିଆଯାଇ ନାହିଁ। ଏଥିପାଇଁ ଗୃହବିଭାଗର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଦାୟୀ। ଏହି କମ୍ପାନୀର ଶ୍ରମିକ ଅତି ନିର୍ଯ୍ୟାତିତ ଅବସ୍ଥାରେ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ କାମ କରୁଛନ୍ତି। ହେଲେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଏହାକୁ ଘଂଟ ଘୋଡାଇଛନ୍ତି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। ତେଣୁ କମ୍ପାନୀର ମାଲିକଙ୍କୁ ଗିରଫ ଓ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଏହି ଦୁର୍ଘଟଣା ପାଇଁ ଶ୍ରମମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ଦାୟୀ କରାଯାଇ ସେମାନଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରାଯାଉ ଏବଂ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଏହା ବ୍ୟତୀତ ମୃତ ଶ୍ରମିକଙ୍କ ପରିବାରକୁ ୨୫ଲକ୍ଷ ଏବଂ ଆହତ ଶ୍ରମିକଙ୍କୁ ୫ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଏବଂ କମ୍ପାନୀକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛି ଛାତ୍ର କଂଗ୍ରେସ । କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଏହି କମ୍ପାନୀର ମାଲିକଙ୍କ ସହ ଏହି ଦୁଇଜଣ ବିଶିଷ୍ଟ ରାଜନେତାଙ୍କର ଭିତିରି ସଂପର୍କ ରହିଛି। ସରକାରୀ ବ୍ୟାନ ସତ୍ତ୍ୱେ ଦୀର୍ଘ ୮ ବର୍ଷ ହେବ ଏହି ବ୍ୟବସାୟ ଖୁଲମଖୋଲା ଚାଲିଆସୁଛି। ଅନ୍ୟପକ୍ଷରେ ସରକାରଙ୍କ ନିୟମ ଅନୁଯାୟୀ ସ୍କୁଲ ନିକଟରେ ଗୁଟଖା ବିକ୍ରି ନିଷେଧ, ଏଠାରେ ପ୍ରଦୁଷଣ ଆଇନକୁ ଖୋଲାଖୋଲି ଉଲଙ୍ଘନ କରାଯାଇଛି। ପ୍ରଦୁଷଣ ବିଭାଗର କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ନିକଟରେ ଏହି କମ୍ପାନୀରେ ହୋଇଥିବା ଅଗ୍ନିକାଣ୍ଡରେ ବହୁ ଶ୍ରମିକ ପୋଡ଼ି ଯାଇଛନ୍ତି। ତିନିଜଣ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଏହି କମ୍ପାନୀ ଅଗ୍ନିଶମ ବିଭାଗର ଅନୁମତି ଆଣିନାହିଁ। ମାତ୍ର ହାତଗଣତିରେ କେଇଟା ଛୋଟିଆ ଅଗ୍ନିନିର୍ବାପକ ଯନ୍ତ୍ର ଲୋକଦେଖାଣିଆ ଭାବରେ ରଖାଯାଇଛି। କେବଳ ସେତିକି ନୁହେଁ ଏହି କାରଖାନାରେ ରାଜ୍ୟ ବାହାରୁ ୫ଶହରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଅଣାଯାଇ ତିନୋଟି ସିଫ୍ଟରେ ନିରନ୍ତର କାମରେ ଲଗାଯାଉଛି। ଅତ୍ୟନ୍ତ ଅସ୍ୱାସ୍ଥ୍ୟକର, ଅପରିଷ୍କାର ଓ ଅପରିଚ୍ଛିନ୍ନ ପରିବେଷ ମଧ୍ୟରେ ଶ୍ରମିକମାନେ କାମକରୁଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ମଧ୍ୟ ସର୍ବନିମ୍ନ ଧ୍ୟାନ ଦିଆଯାଉ ନାହିଁ। ଗୁଟଖା ନିର୍ମାଣ ଓ ପ୍ୟାକିଂ ଆଦିର ବ୍ୟବହୃତ ବହୁତ ଗୁଡ଼ିଏ ସାମଗ୍ରୀ ଅତ୍ୟନ୍ତ ଜଳନଶୀଳ ହୋଇଥିବା ବେଳେ ସେଠାରେ ବାୟୁ ଚଳାଚଳ ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ। କେତେ ଶ୍ରମିକ ଅଛନ୍ତି ଏବଂ ଶ୍ରମିକଙ୍କର ଅବସ୍ଥା କଣ ସେ ବିଷୟରେ ଶ୍ରମ ବିଭାଗ ପାଖରେ ଖବର ନାହିଁ। ଏବେ ଶ୍ରମମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ଘଟଣାକୁ ଚପାଇଦେବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଏଠରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଚିଠି ଅନୁଯାୟୀ ରାଜ୍ୟରେ ୨୦୧୩ ମସିହାରୁ ଗୁଟଖା ଉତ୍ପାଦନ ଓ ବିକ୍ରି ନିଷେଧ କରାଯାଇଛି। ଖାଦ୍ୟସୁରକ୍ଷା ଓ ସାଧାରଣ ଆଇନ ୨୦୧୧ ଅନୁଯାୟୀ ଗୁଟଖା ସ୍ୱାସ୍ଥ୍ୟ ପାଇଁ ହାନୀକାରକ ଦ୍ରବ୍ୟର ବ୍ୟବହାର ହୋଇଥିବାରୁ ଏହାକୁ ୨୦୧୩ ମସିହା ସଂଶୋଧନ ସଂଶୋଧନ ପରେ ନିଷିଦ୍ଧ କରାଯାଇଛି।

## ବର୍ଷା ଓ ଘନ କୁହୁଡି ନେଇ ସତର୍କ କରାଇଲେ ଏସ୍‌ଆର୍‌ସି



ଭୁବନେଶ୍ୱର, ୨୯।୧୨(ପି.ଏନ): ପ୍ରବଳ ବର୍ଷା ଓ ଘନ କୁହୁଡ଼ି ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ସତର୍କ ସୂଚ଼ନା ଜାରି କରିଛନ୍ତି। ସତର୍କ ରହିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି ଏସ୍‌ଆର୍‌ସି। ପାଣିପାଗ ବିଭାଗ ସୂଚ଼ନା ଅନୁସାରେ ଆସନ୍ତାକାଲି ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ମୁକାବିଲା ପାଇଁ ସତର୍କ ରହିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି ଏସ୍‌ଆର୍‌ସି।ଠିକ୍ ସେହିପରି ଆସନ୍ତାକାଲିଠାରୁ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ୧୩ ଜିଲ୍ଲାକୁ ସତର୍କ ସୂଚ଼ନା ଜାରି କରିଛନ୍ତି ଏସ୍‌ଆର୍‌ସି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ ଓ କଟକ ଜିଲ୍ଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ତେଣୁ ପୁଲିସ୍ ଓ ପରିବହନ ବିଭାଗ ଏଥିପ୍ରତି ସତର୍କ ରହିବା ପାଇଁ ଏବଂ କୌଣସି ଅଘଟଣକୁ ଏଡ଼ାଇବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଚ଼ିଠି ଲେଖିଛନ୍ତି ଏସ୍‌ଆର୍‌ସି।ସେପଟେ ଅଦିନିଆ ବର୍ଷାରେ ଭିଜୁଛି ଚ଼ାଷୀର ଝାଳବୁହା ପରିଶ୍ରମ। ବିକ୍ରି ପାଇଁ ମଣ୍ଡିକୁ ଧାନ ଆଣିଥିଲେ ବରଗଡ଼ର ଚ଼ାଷୀ। ହେଲେ ଅଦିନିଆ ବର୍ଷାରେ ଓଦା ହେବା ପରେ ଗଜା ହେବାକୁ ବସିଛି ଶହ ଶହ ବସ୍ତା ଧାନ। ପଦ୍ମପୁରରେ ମଧ୍ୟ ଚ଼ାଷୀଙ୍କ ପାଇଁ କାଳ ହୋଇଛି ଅଦିନିଆ ବର୍ଷା।









# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି। କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ। ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍। ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ। ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍। ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍। କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍। ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ। କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍। ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ। ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ। ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚଳିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।


**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ‘କର୍ଫି’ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା।






## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ବନ୍ୟ ଜନ୍ତୁ ସଂରକ୍ଷଣ



ଅକ୍ଷୟ କୁମାର ରାଉତ

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ ଘଂଚ ଜଙ୍ଗଲ। ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ। ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ୱର୍ଶୀ ହୋଇଥାଏ। ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ। ଏହି ବିଚିତ୍ର ବର୍ଣ୍ଣ ବନଭୂମିରେ ବନ୍ୟ ପଶୁ ପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ। ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ। ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରିଶୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ। ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁ ପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ। କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାର ପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି। ବୃକ୍ଷଲତା, ଗୁଳ୍ମଆଦି,ପଶୁପକ୍ଷୀ, ଜୀବଜନ୍ତୁ ମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ। ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ। ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି। ଶିକାରୀ ମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେ ଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ। ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି। ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତ ବର୍ଷରେ ୧୦୪ ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ ଲକ୍ଷ୨ ଓ ୫୬୬ ଟି ଅଭୟାରଣୟ ଯାହାର କ୍ଷେତ୍ରଫଳ ୧୨୨୪୨୦ ଲକ୍ଷ୨ ଅଟେ। ସମୟ କ୍ରମେ ଏସବୁର ବୃଦ୍ଧି ଘଟୁଛି। ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି। ଆମ ଭାରତ ବର୍ଷରେ ୫୨ ଟି ବ୍ୟାଘ୍ର ସଂରକ୍ଷଣ ଏବଂ ୩୨ ଟି ହାତୀ ସଂରକ୍ଷନ ରହିଅଛି। ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି। ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୂରଭଞ୍ଜ(ରଜ), ମହାନଦୀ (ରଜ) ସମ୍ବଲପୁର (ରଜ) ଓ ଚନ୍ଦକା ହାତୀ ଅଭ୍ୟାରଣ୍ୟ ରହିଛି। କେନ୍ଦ୍ର ସରକାର ବନ୍ୟଜନ୍ତୁ ମାନଙ୍କ ସୁରକ୍ଷା ପାଇଁ ଞ୍ଜଷର ଓଭୟସବଭ ଇକ୍ଟବକ୍ସୟ ରକ୍ଟକ୍ସ ଡସକ୍ଷୟକ୍ଷସଲର ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ। ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟ ଜନ୍ତୁ ସପ୍ତାହ ପାଳନ କରାଯାଏ। ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସଂରକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି। ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭ୍ୟାରଣ୍ୟ, ଗୁଜୁରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଲଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁର ଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗ ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ। ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି। ସେ ଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ,କୁମ୍ଭୀର , ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି। ପଶ୍ଚିମ ବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି। ହିମାଳୟ ପାଦ ଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି। ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସକରନ୍ତି। ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କ ଠାରୁ ବଡ଼ ହୋଇଥାଆନ୍ତି। ହିମାଳୟ ପାର୍ବତ୍ୟାଂଚଳ(ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ। ମଧ୍ୟ ପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି। ଓଡ଼ିଶାର ସରୀସୃପ ମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ। ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି। ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି। ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍ ' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି। ସରକାରଙ୍କ କଠୋର ଆଇନ ଗତ ପଦକ୍ଷେପ ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତବ୍ୟ ପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇ ପାରିବ।
ମିଳିମିଶି କଲେ ପ୍ରାଣୀ ସୁରକ୍ଷା
ମନୁଷ୍ୟ ସମାଜ ହୋଇବ ରକ୍ଷା।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମୟରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କୋର୍ଟରେ ଉପସ୍ଥିତ ଥିବାବେଳେ ଆଇନଜିବୀଙ୍କ ଆକସ୍ମିକ ମୃତ୍ୟୁ

କେନ୍ଦୁଝର ,(ପି.ଏନ): କେନ୍ଦୁଝର ଜିଲ୍ଲା ଜଜକୋର୍ଟର ବରିଷ୍ଠ ଆଇନଜିବୀ ପ୍ରଭାକର ମିଶ୍ରଙ୍କର ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଯାଇଛି । ସେ ଜିଲ୍ଲା ଓ ଦୌରା ଜଜ ଚିତ୍ତରନ ମହାପାତ୍ରଙ୍କ କୋର୍ଟରେ ଉପସ୍ଥିତ ଥିବାବେଳେ ତାଙ୍କୁ ହୃଦଘାତ ହୋଇଥିଲା । ତୁରନ୍ତ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୫୧ବର୍ଷ ବୟସ ହୋଇଥିଲା । କେନ୍ଦୁଝର କୋର୍ଟରେ କାର୍ଯ୍ୟ କରୁଥିବା ସମୟରେ ଜଣେ ଆଇନଜିବୀଙ୍କ ମୃତ୍ୟୁ ପ୍ରଥମ ଘଟଣା ହୋଇଥିବାବେଳେ ଏହାକୁ ନେଇ କେବଳ କେନ୍ଦୁଝର ଜଜକୋର୍ଟ ପରିସର ବା ଆଇନଜିବୀଙ୍କ ମହଲ ନୁହେଁ ସାଧାରଣରେ ଶୋକପ୍ରକଟ କରାଯାଇଛି । ଜଣେ ମେଳାପୀ,ସରଳ,ଅମାୟିକ ଓ ନିର୍ବିବାଦୀୟ ଓକିଲ ଭାବେ ତାଙ୍କର ସୁନାମ ରହିଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଶବ ବ୍ୟବଛେଦ ହେବା ପରେ ଜିଲ୍ଲା ଜଜକୋର୍ଟ ପରିସରକୁ ଅଣାଯାଇଥିଲା । ସେଠାରେ ଜିଲ୍ଲା ଓ ଦୌରା ଜଜ,ଅନ୍ୟାନ୍ୟ ବିଚାରପତି,ବରିଷ୍ଠ ଆଇନଜୀବୀ ଗୋପାଳକୃଷ୍ଣ ପରିଡା,ଜିଲ୍ଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ,ସମ୍ପାଦକ ଆଲୋକ ମହାନ୍ତ,ଉପସଭାପତି ରବୀନ୍ଦ୍ର ସେଠୀ,ଯୁଗ୍ମ ସମ୍ପାଦକ,କାର୍ଯ୍ୟକାରୀ ସଦସ୍ୟଙ୍କ ସମେତ ସମସ୍ତ ଆଇନଜିବୀମାନେ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ଏହାପରେ ତାଙ୍କୁ ଆଦର୍ଶ ଶ୍ମଶାନ,ଧାଙ୍ଗରପଡାକୁ ନେଇ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ତାଙ୍କର ଦୁଇଟି ଛୋଟ ଝିଅ ଥିବାବେଳେ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ରାଜ୍ୟ ସରକାରଙ୍କ ତରଫରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ମତବ୍ୟକ୍ତ ହୋଇଛି । ଜିଲ୍ଲା ଓକିଲ ସଂଘ ତରଫରୁ ବରିଷ୍ଠ ପଦାଧିକାରୀ ଓ ସଦସ୍ୟମାନେ ଶେଷକୃତ୍ୟ ସମୟରେ ଉପସ୍ଥିତ ରହି ସମସ୍ତ ସହାୟତା ପ୍ରଦାନ କରିଥିଲେ ।

# ୨ୟ ବିବାହ ମହଙ୍ଗା ପଡିଲା, ଜେଲ ଗଲା ଯୁବକ

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ସହର ୧୨ ନଂ ୱାର୍ଡ ଅଧିନ ଖଲଖଲା ଗ୍ରାମର ଅଲେଖ ନାଏକ(୨୯) ୨ୟ ବିବାହ କରି ଜେଲ ଯିବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଘଟଣାରୁ ପ୍ରକାଶ ଅଲେଖ ସୁଦୁର ଆନ୍ଧ୍ରପ୍ରଦେଶରେ ରହି କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଗ୍ରାମରେ ତାଙ୍କର ପ୍ରଥମ ପତ୍ନୀ ପିଲାଛୁଆଙ୍କ ସହ ରହୁଛନ୍ତି । ତେବେ ଅଲେଖ ସେଠାରେ ୨ୟ ବିବାହ କରିଥିବା ନେଇ ଜଣାପଡିବା ପରେ ଅଲେଖଙ୍କ ପ୍ରଥମ ପତ୍ନୀ କଲ୍ୟାଣୀ ନାଏକ ଏ ସଂପର୍କରେ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏପରିକି କଲ୍ୟାଣୀଙ୍କୁ, ଅଲେଖ ଶାରିରୀକ ଓ ମାନସିକ ସ୍ତରରେ ନିର୍ଯ୍ୟାତନା ଦେଉଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଖଣ୍ଡପଡା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅଭିଯୁକ୍ତ ଅଲେଖଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ବିଶ୍ୱଜିତ ରାତରାୟଙ୍କ ଠାରୁ ପ୍ରକାଶ ।



# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ


ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଂପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ସପ୍ସ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କର୍ଣ୍ଣିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ , କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।




## କଳିଙ୍ଗ ବାଲିଯାତ୍ରା ପଡ଼ିଆରେ 'ନଦୀ ଉତ୍ସବ' ଉଦ୍‌ଘାଟିତ

ପାରାଦୀପ (ପିଏନ୍)-ପାରାଦୀପ କଳିଙ୍ଗ ବାଲିଯାତ୍ରା ପଡ଼ିଆରେ 'ନଦୀ ଉତ୍ସବ'-୨୦୨୧ ଉଦଘାଟିତ ହୋଇଯାଇଛି। ଜଗତସିଂହପୁର ଜିଲାପାଳ ପାରୁଲ୍ ପଟ୍ଟୱାରୀ ମୁଖ୍ୟ ଅତିଥି ଭାବେ ଏହି 'ନଦୀ ଉତ୍ସବ'କୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ଉତ୍ସବ ସାରା ଭାରତବର୍ଷର ବିଭିନ୍ନ ନଦୀକୂଳମାନଙ୍କରେ ଡ଼ିସେମ୍ବର ୧୫ ତାରିଖରୁ ଆରମ୍ଭ ହୋଇ ଡ଼ିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଆମ ରାଜ୍ୟରେ ଏହି ନଦୀ ଉତ୍ସବ ମହାନଦୀ କୂଳରେ ସମ୍ବଲପୁର, କଟକ ଓ ପାରାଦୀପଠାରେ ପାଳନ କରାଯାଇଛି। ଉଦଘାଟନ ଅବସରରେ ଜିଲାପାଳ ଶ୍ରୀମତୀ ପଟ୍ଟୱାରୀ କହିଲେ ନଦୀକୁ ସୁରକ୍ଷା ଦେବା ଓ ପ୍ରଦୂଷଣମୁକ୍ତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ମହାନଦୀ ହେଉଛି ଆମର ଜୀବନଧାରା। ନଦୀକୁ ସଫାସୁତୁରା ଓ ସ୍ୱଚ୍ଛ ରଖିଲେ ଆଗାମୀ ପିଢ଼ୀ ଏହାର ସୁଫଳ ପାଇବେ। ଏହି ଅବସରରେ ଜିଲାପାଳ ଉପସ୍ଥିତ ଏନସିସି, ଏନଏସଏସ ଓ ନେହେରୁ ଯୁବାକେନ୍ଦ୍ରର ପିଲାମାନଙ୍କୁ ନଦୀକୁ ସ୍ୱଚ୍ଛ ରଖିବା ପାଇଁ ଶପଥପାଠ କରାଇଥିଲେ। ସ୍ୱେଚ୍ଛାସେବୀମାନେ ସମୁଦ୍ରକୂଳରେ ଅଳିଆ ଆବର୍ଜନା ସଫା କରିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁ ଚରଣ ଧୀର୍ ନଦୀକୁ ସଫାସୁତୁରା ରଖିବାକୁ ଆହ୍ୱାନ ଦେଇଥିଲେ। ପୌରସଂସ୍ଥା ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନଦୀ ଉତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ। ଅନ୍ୟ ମାନଙ୍କ ମଧ୍ୟରେ ପାରାଦୀପ କଲେଜ ଏନସିସି ଅଧିକାରୀ ଅକ୍ଷୟ ଚନ୍ଦ୍ର ମିଶ୍ର, ନେହେରୁ ଯୁବ କେନ୍ଦ୍ର, ଜିଲା ଅଧିକାରୀ ନିଖିଲ କୋକୁଲ, ପ୍ରୋଗ୍ରାମ ଅଫିସର ପବିତ୍ର ମୋହନ ସୁବୁଧିଙ୍କ ସମେତ ବହୁ କାର୍ଯ୍ୟରତ ସାମ୍ବାଦିକ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦଶ ଦିନ ବ୍ୟାପି ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ବାଲୁକା କଳା, ସ୍ୱଚ୍ଛତା କାର୍ଯ୍ୟକ୍ରମ, ନଦୀ ସ୍ୱଚ୍ଛତା ଶପଥ ପାଠ, ଯୋଗ ଓ ଧ୍ୟାନ, ବକ୍ତୃତା, ଚିତ୍ରକଳା ଓ ରଙ୍ଗୋଲି ପ୍ରତିଯୋଗିତା ବେଳାଭୂମି ସଫେଇ, ପୁରସ୍କାର ବିତରଣ ଇତ୍ୟାଦି ବହୁ କାର୍ଯ୍ୟକ୍ରମମାନ ରହିଥିଲା। ଏଥିରେ ଜନସାଧାରଣଙ୍କୁ କୋଭିଡ ନିୟମ ରକ୍ଷାପୂର୍ବକ ବହୁସଂଖ୍ୟାରେ ଯୋଗ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା।

## ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଗଞ୍ଜାମର ୫୧ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର (ପିଏନ୍) : ସ୍ଥାନୀୟ ବୀର ହନୁମାନ କ୍ଲବ ଠାରେ ଗତ ୧୦-୧୧ ତାରିଖ ଦୁଇଦିନ ଧରି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଭାରୋତ୍ତଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚାମ୍ପିୟନ ହୋଇଥିବା ଗଞ୍ଜାମର ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଗଞ୍ଜାମରୁ ଜ୍ୟେଷ୍ଠ ଓ କନିଷ୍ଠ ୭୧ ଜଣ ମହିଳା, ପୁରୁଷ ଭାଗ ନେଇଥିଲେ। ଏଥିରେ ଗଞ୍ଜାମ ଜିଲାରୁ ୫୧ ଜଣ ପ୍ରତିଯୋଗୀ ସଫଳତାର ସହ ପଦକ ହାସଲ କରିଥିଲେ। ସେମାନଙ୍କ ମଧ୍ୟରେ ୨୬ ଜଣ ସ୍ୱର୍ଣ୍ଣ, ୧୪ ଜଣ ରୌପ୍ୟ, ୧୧ଟି ବ୍ରୋଞ୍ଜ ପଦକ ପାଇଛନ୍ତି। ରାଜ୍ୟ କ୍ରୀଡ଼ା ସଚିବ ତଥା ନିର୍ଦ୍ଦେଶକ ଭିନ୍ନଲ କ୍ରିଷ୍ଣା, ଅତିରିକ୍ତ ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ଜେନା, ରାଜ୍ୟ ଯୁଗ୍ମ ସଚିବ ରାଜ୍ୟ ଭାରୋତ୍ତଳନ ସଂଗଠନର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ରାଜ୍ୟ ଯୁଗ୍ମ ସଚିବ ରଞ୍ଜିତ କୁମାର ପରିଡ଼ା, ରାଜ୍ୟ ଉପସଭାପତି ତଥା ଜିଲା ସଭାପତି କୁମୁଦ ଚନ୍ଦ୍ର ସାହୁ, ରାଜ୍ୟ ସମ୍ପାଦକ ନାରାୟଣ ସାହୁଙ୍କ ସମେତ କ୍ରୀଡ଼ା ବିଭାଗ ପଦାଧିକାରୀ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବୀର ହନୁମାନ କ୍ଲବଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥଙ୍କ ସମେତ ଜିଲା ସମ୍ପାଦକ ଗାଗାରିନ ନାୟକ, ଜିଲା କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାଶ, ବରିଷ୍ଠ କୋଚ୍ ସୀତା ପ୍ରସାଦ ପଟ୍ଟନାୟକ, ମହିଳା କୋଚ୍ ସୀତା ଜେନା, ପ୍ରଦୀପ କୁମାର ସାହାଣୀ, କେ. କୁର୍ମା ରାଓ, ରମେଶ ଚନ୍ଦ୍ର ପାଢ଼ୀ, ଏସ. ରାମାରାଓ, ଶୂନ୍ୟ ଚନ୍ଦ୍ର ଦାଶ, ରମେଶ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ଉଦୟ ନାଥ ସେଠୀ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଭାପତି କୁମୁଦ ଚନ୍ଦ୍ର ସାହୁ ଜାତୀୟ ସ୍ତର ପାଇଁ ମନୋନୀତ ହୋଇଥିବା ପ୍ରତିଯୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯେଉଁ ପ୍ରତିଯୋଗୀମାନେ ଜାତୀୟ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବେ ସେମାନଙ୍କୁ ଯଥାକ୍ରମେ ଏକ ଲକ୍ଷ, ୭୭ ହଜାର ଓ ୫୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ଶ୍ରୀ ସାହୁ ଘୋଷଣା କରିଥିଲେ। ଶେଷରେ ସମ୍ପାଦକ ଗାଗାରିନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂତପୂର୍ବ ସୈନିକ ଅଧିକାର ମଞ୍ଚର ଧାରଣା

ବାଲେଶ୍ୱର (ପିଏନ୍)-ପ୍ରତିରକ୍ଷା ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ରହିଥିବା କେଣ୍ଟିନ ସୁବିଧା ଠିକ ଭାବେ ମିଳୁ ନ ଥିବା ପ୍ରତିବାଦରେ ଭୂତପୂର୍ବ ସୈନିକ ଅଧିକାରୀ ମଞ୍ଚ ପକ୍ଷରୁ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଞ୍ଚର କନଭେନର ଭେଟେରାନ ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ଭଦ୍ରକ, ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ସତାଧିକ ପୂର୍ବତନ ସୈନିକ ଯୋଗଦେଇ ଚାନ୍ଦିପୁର ପ୍ରତିରକ୍ଷା କର୍ତ୍ତୃପକ୍ଷଙ୍କ ଏପ୍ରକାର ବୈମାତୃକ ମନୋଭାବକୁ ତିବ୍ର ନିନ୍ଦା କରିଥିଲେ। ଚାନ୍ଦିପୁର ଠାରେ ଆଇଟିଆର ବିଏସି ମୁଖ୍ୟ ଶାଖା ପେଣ୍ଟିଙ୍ଗ ସହିତ ଆଉ ଏକ ଉପ କେଣ୍ଟିନ ଉପଶାଖା ମଧ୍ୟ ରହିଛି। ଏହା ସହିତ ପୂର୍ବରୁ ବାଲେଶ୍ୱର ସହରରେ ଥିବା ଅନ୍ୟ ଏକ ଶାଖା କେଣ୍ଟିନ ଏବେ ବନ୍ଦ କରିଦିଆଯାଇଛି ତେବେ ଚାନ୍ଦିପୁରରେ ଥିବା ୩ଟି କେଣ୍ଟିନରେ ପ୍ରତି ମାସ ସାମଗ୍ରି ମିଳୁଥିଲେ ମଧ୍ୟ ଅବସର ପ୍ରାପ୍ତ ସେନାନୀଙ୍କ ପାଇଁ ବନ୍ଦ କରିଦିଆଯାଇଛି। ଆବଶ୍ୟକ ସାମଗ୍ରୀ ଶେଷ ହୋଇ ଆସିବା ପରେ ଏହାକୁ ଖୋଲା ଯାଉଥିବାରୁ ଅବସର ପ୍ରାପ୍ତ ସେନା କର୍ମଚାରୀ ନିଜର ଆବଶ୍ୟକ ଜିନିଷ ପତ୍ର କିଣିବାରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଭାରତର ଯେ କୌଣଶି କେଣ୍ଟିନରୁ ନିଜର ଆବଶ୍ୟକ ମୁତାବକ ସାମଗ୍ରୀ ନେବାର ନିୟମ ରହିଛି କିନ୍ତୁ ଜିନିଷ ଥିଲେ ମଧ୍ୟ ଡିସପ୍ଲେ ବୋର୍ଡ଼ରେ ଏ ବାବଦରେ କୌଣଶି ସୂଚନା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନ୍ୟପକ୍ଷରେ କେଣ୍ଟିନ ମ୍ୟାନେଜରଙ୍କର ଅବସରପ୍ରାପ୍ତ ସେନାନୀଙ୍କ ପ୍ରତି ଅଭଦ୍ରୋଚିତ ବ୍ୟବହାର ଦିନକୁ ଦିନ ଆଶ୍ଚର୍ଯ୍ୟ ହୋଇପଡ଼ିଛି। ତେଣୁ ଏହିସବୁ ସମସ୍ୟା ଉପରେ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଏହି ଧାରଣାରେ ମଞ୍ଚର ସଭାପତି ଭେଟେରାନ ମନୋଜ କୁମାର ଦାସ, ବରିଷ୍ଠ ସଦସ୍ୟ ଭେଟେରାନ ଶୀବଦାତ ପୁଣ୍ଡୁ, ସମ୍ପାଦକ ଭେଟେରାନ ଦୁର୍ଗା ପ୍ରସାଦ ଭୂଇଆଁ, ରୋହିତ କୁମାର ରାୟ, ଅଶୋକ କୁମାର ପାତ୍ର, ମିନକେତନ ବଳ, ଅଙ୍ଗୁଳ ମାଝି, ଉମାକାନ୍ତ ଖୁଣ୍ଟିଆ, ମନୋଜ କୁମାର ସିଂ, ପ୍ରଶାନ୍ତ ମଲିକ, ଜୟୀରାମ ପାତ୍ର, ହେମନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଚାନ୍ଦିପୁର ପ୍ରତିରକ୍ଷା ବିଭାଗ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି।

## ବିଧାୟକ ବାଣ୍ଟିଲେ ସ୍ୱାସ୍ଥ୍ୟ କାର୍ଡ଼

ଫୁଲନଖରା (ପିଏନ୍)-ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ନୂତନ ସ୍ମାର୍ଟ କାର୍ଡ଼କୁ ନିଆଳି ବିଧାୟକ ଡାକ୍ତର ପ୍ରମୋଦକୁମାର ମଲିକ ବିତରଣ କରିଛନ୍ତି। ଏହି ଉପଲକ୍ଷେ ବ୍ରାହ୍ମଣଝରିଲୋସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସଭାରେ ଡାକ୍ତର ମଲିକ ଯୋଗଦେଇ ଏହି ସ୍ମାର୍ଟ କାର୍ଡ଼ ମାଧ୍ୟମରେ ପୁରୁଷ ୫ଲକ୍ଷ ଟଙ୍କା ଓ ମହିଳା ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବେ। ଏ ସମ୍ପର୍କରେ ବାରଙ୍ଗ ବିଡ଼ିଓ ପ୍ରଭାକର ପଣ୍ଡା ଯୋଜନାର ଲକ୍ଷ୍ୟ ବିଶଦ ଭାବେ ଲୋକମାନଙ୍କୁ ବୁଝାଇଥିଲେ। ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜକୁମାର ସାହୁ, ବିଜେଡ଼ି ବ୍ଲକ ସଭାପତି ଗୋଲେଖ ପାତ୍ର, କୁରାଙ୍ଗପ୍ରଧାନ ପଞ୍ଚାୟତ ସମିତି ସଭ୍ୟା ପୂର୍ଣ୍ଣିମା ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପଞ୍ଚାୟତର ମୋଟ ୧୭୮୦ ଜଣ ହିତାଧିକାରୀଙ୍କୁ ଏହି କାର୍ଡ଼ ବଣ୍ଟନ ହୋଇଥିଲା। ବିଶ୍ୱରଂଜନ ସାହୁ, ଗଗନବିହାରୀ ଜେନା, ମହମ୍ମଦ ନୁରଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ ଉକ୍ତ ସଭାରେ ପଞ୍ଚାୟତରୁ ବହୁସଂଖ୍ୟକ ମହିଳା ଯୋଗଦେଇଥିଲେ। ସେହିପରି ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ଓ କୁରାଙ୍ଗଶାସନ ପଞ୍ଚାୟତରେ ବିଧାୟକଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ ହୋଇଛି।

## ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା କଂଗ୍ରେସର ନିଷ୍ପତ୍ତି

ରାଉରକେଲା (ପିଏନ୍): ନିଜକୁ କଂଗ୍ରେସ ଦଳର ବୋଲି କହି ଦଳୀୟ ସଙ୍ଗଠନରେ ସର୍ବଦା ବିଭ୍ରାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ବିଶୃଙ୍ଖଳିତ ଲୋକଙ୍କ ବିରୁଦ୍ଧରେ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା କଂଗ୍ରେସ କମିଟି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ମର୍ମରେ ବୈଠକରେ ପ୍ରସ୍ତାବ ଗୃହୀତ କରାଯାଇ ପ୍ରଦେଶ କଂଗ୍ରେସ ସଭାପତି ଏବଂ ରାଜ୍ୟ କଂଗ୍ରେସ ପ୍ରଭାରୀଙ୍କ ସହିତ ଆଲୋଚନା କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ କ୍ଷମତା ଅର୍ପଣ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୧୭ ତାରିଖ ଅପରାହ୍ନରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜର୍ଜ ତିର୍କୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶ୍ରୀ ତିର୍କୀ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା ଓ ବରିଷ୍ଠ ନେତୃବୃନ୍ଦଙ୍କୁ ସେମାନଙ୍କ ନିଷ୍ପାପର ତଥା ଉତ୍ସର୍ଗୀକୃତ ଉଦ୍ୟମ ପାଇଁ ରାଉରକେଲା ସାଙ୍ଗଠନିକ ଜିଲ୍ଲାରେ ଆଜି କଂଗ୍ରେସ ମଜବୁତ ହୋଇ ଉଭୟ ସରକାରୀ ଦଳ ବିଜେପି-ବିଜେଡି ଏବଂ ସରକାରୀ କଳର ଦୋଷ, ଦୁର୍ନୀତି ଓ ବିଫଳତା ବିରୁଦ୍ଧରେ ଲଢେଇ ଜାରି ରଖିଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ପ୍ରତି ସାଧାରଣରେ କଂଗ୍ରେସର ଗ୍ରହଣୀୟତାକୁ ଦେଖି ନିଜକୁ କଂଗ୍ରେସ ବୋଲି କହୁଥିବା ତଥାକଥିତ କେତେକ ଲୋକ ଶାସକ ଦଳର ହାତବାରିସୀ ସାଜି ଦଳୀୟ ସଙ୍ଗଠନରେ ବିଭ୍ରା' ସୃଷ୍ଟି କରି ଦଳର କ୍ଷତି ଘଟାଇବାକୁ ନିର'ର ଉଦ୍ୟମ କରୁଛ' ବୋଲି କହିଥିଲେ। ଏହି ଅବସରରେ ଆଲୋଚନାରେ ଅଂଶଗ୍ରହଣ କରି ପୂର୍ବତନ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରଶା' ସେଠୀ, ବରିଷ୍ଠ ନେତା ସବୀର ହୁସେନ ଓ ଗଣେଶ ପ୍ରଧାନ, ଉପସଭାପତି ଦେବବ୍ରତ ବିହାରୀ, ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ମୁଖପାତ୍ର ଇଂ.ଆର୍.ପି. ସିଂହ, ଅନ୍ୟତମ ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା ଓ ଭାସ୍କର ଖିଲ୍ଲାର, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତ'ୀ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂହ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଦଳୀୟ ସଙ୍ଗଠନରେ ବିଶୃଙ୍ଖଳା ସୃଷ୍ଟି କରି ଦଳକୁ କମ୍‌ଜୋର କରିବା ଉଦ୍ୟମ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଦଳୀୟ ସଙ୍ଗଠନକୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତି ଯିଏ କେହି ହେଉ କି ଯେତେବଡ ପଦପଦବୀରେ ଥାଉ କୌଣସି ପରିସ୍ଥିତିରେ ମଧ୍ୟ ତାଙ୍କୁ ବରଦାସ୍ତ ନ କରିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା। ସମ୍ପ୍ରତି ରାଉରକେଲା ଜିଲ୍ଲା କଂଗ୍ରେସର ଉତ୍ସର୍ଗୀକୃତ କର୍ମୀମାନେ ସଭାପତି ଶ୍ରୀ ତିର୍କୀଙ୍କ ନେତୃତ୍ୱରେ ନିର'ର କଠୋର ପରିଶ୍ରମ କରି ଦଳକୁ ସାଧାରଣରେ ଆଦୃତ କରାଉଥିବା ବେଳେ ଏହାକୁ ଭଣ୍ଡୁର କରିବା ପାଇଁ ଦଳ ବିରୋଧି ତତ୍ତ୍ୱଙ୍କ ଚକ୍ରା' ଓ ହୀନ କାର୍ଯ୍ୟ ଅତ୍ୟ' ନିନ୍ଦନୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ତେଣୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକ ଓ ରାଜ୍ୟ କଂଗ୍ରେସ ପ୍ରଭାରୀ ଶ୍ରୀ ଚେଲ୍ଲା କୁମାରଙ୍କ ସହିତ ଜିଲ୍ଲା ସଭାପତି ଶ୍ରୀ ତିର୍କୀ ଆଲୋଚନା କରି ଦଳ ବିରୋଧି ତତ୍ତ୍ୱଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ସର୍ବସମ୍ମତ ମତ ପ୍ରକାଶ ପାଇ ସଭାପତିଙ୍କୁ ସମସ୍ତ କ୍ଷମତା ଅର୍ପଣ କରାଯାଇଥିଲା। ଅନ୍ୟତମ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି ବୈଠକରେ ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ରୋହିତ ଯୋଶେଫ ତିର୍କୀ, ଜିଲ୍ଲା କଂଗ୍ରେସର ଅନ୍ୟତମ ଉପସଭାପତି ଶୋଭା ସିଂହ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ, ତୁଳସୀ ନାଗ, ଶଙ୍କର ଅଗ୍ରୱାଲ, ଏମ୍‌ଡି ନଜମୁଦ୍ଦିନ, ସମ୍ପାଦକ ସୁନୀଲ ସିଂହ, ଅମ୍ରିତ କୌର, ଧର୍ମେନ୍ଦ୍ର ପରମାର, ସୁନୀତା ଲାକ୍ରା, ରାଜେନ୍ଦ୍ର ପ୍ରସାଦ, ସରିତା ଟପ୍ପୋ, ଅସଲାମ ପରଭେଜ, କାର୍ଯ୍ୟନିର୍ବାହୀ ସଦସ୍ୟ ରତିକା' ମଲ୍ଲିକ, ରୁକସାନା ବେଗମ, ଜିତେନ୍ଦ୍ର ଦାସ, ଦିଲ୍ଲିପ ଜେନା, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମତ୍ସ୍ୟଜୀବୀ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, କୃଷକ କଂଗ୍ରେସ ଅଧ୍ୟକ୍ଷ ମନମୋହନ ଓରାମ, ବ୍ଲକ୍ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ, ବିଜୟ ଆପଟ, ପ୍ରତାପ ବେହେରା, ସୁନୀଲ ପଟ୍ଟନାୟକ, ଧୁସା ନାୟକ, ଜାଫର ନୁମାନ, ରାଜେନ୍ଦ୍ର ରଜାକ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ବିଶ୍ୱଜିତ ସାହୁ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି ଓ ଫିଲିସିତା ଚେରୁଆ ପ୍ରମୁଖ ଉପସ୍ଥିତ ରହି ସର୍ବସମ୍ମତ ପ୍ରସ୍ତାବ ଗୃହୀତରେ ଅଂଶଗ୍ରହଣ କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ମୁଖପାତ୍ର କୈଳାସ ସାହୁ ଜଣାଇଛନ୍ତି।

## ଶ୍ରବଣ କୁମାର ସମ୍ବର୍ଦ୍ଧନା ସମାରୋହ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଣ୍ଟିଲୋ ଗ୍ରାମେଶ୍ୱର ମହାଦେବ ମନ୍ଦିର ପରିସରରେ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବାଲିଆ ଆନୁକୂଲ୍ୟରେ ଶ୍ରବଣ କୁମାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦେବକୀନନ୍ଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଶରତ ଚନ୍ଦ୍ର ପଣ୍ଡା, ନିରଞ୍ଜନ ପରିଡା, ଶରତ ଚନ୍ଦ୍ର ବାରିକ, ରମେଶ ଚନ୍ଦ୍ର ପତି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲା। ପ୍ରଥମେ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ଅତିଥିମାନେ ପୁରାଣ ବର୍ଣ୍ଣିତ ଶ୍ରବଣ କୁମାରଙ୍କ ବିଷୟରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଜଣ୍ଟିଲୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ବାରିକଙ୍କ ପୁତ୍ର ଦୀପକ ରଞ୍ଜନ ବାରିକ ଓ ତାଙ୍କ ଧର୍ମପତ୍ନୀ ଲୁନା ସାହାଣୀଙ୍କୁ ପିତାମାତାଙ୍କ ପ୍ରତି ଭକ୍ତି ଓ ଉତ୍ତମ ସେବା ପ୍ରଦାନ ପାଇଁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ଏ ଯୁଗର ଶ୍ରବଣ କୁମାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ବାନାମ୍ବର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମନୋଜ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଜେନ୍ଦ୍ର ମହାନ୍ତି, ବସନ୍ତ କୁମାର ପା୮ତି, ପୁରୁଷୋତ୍ତମ ସ୍ୱାଇଁ, ଭୁବନମୋହନ ମିଶ୍ର, ନାରାୟଣ ଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୁସ୍ତକ 'ଶ୍ରୀ ବୈକୁଣ୍ଠ ନିର୍ଝରିଣୀ' ଲୋକାର୍ପିତ

କେନ୍ଦ୍ରାପଡ଼ା (ପିଏନ୍): ପଣ୍ଡୁ ପୂର୍ଣ୍ଣିମାର ଶୁଭ ଅବସରରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ହନୁମାନ ମନ୍ଦିର ପରିସରରେ ସଦଗୁରୁ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଦାର୍ଶନିକ ତତ୍ୱ ଉପରେ ଆଧାରିତ ତଥା କେଶବ ସେଠୀଙ୍କ ରଚିତ ବୈକୁଣ୍ଠ ଲୀଳାମୃତ "ଶ୍ରୀ ବୈକୁଣ୍ଠ ନିର୍ଝରିଣୀ" ପୁସ୍ତକ ମଠାଧିସ ବାବା ଚେତନାନନ୍ଦ ଦାସ, ବାବାଜୀ ଶ୍ରଦ୍ଧାନନ୍ଦ ଦାସ, ଡ଼ଃ. ସୁବାଷ ଚନ୍ଦ୍ର ମହାପାତ୍ର ଓ ଗୌରହରି ସାହୁଙ୍କ ଦ୍ୱାରା ସାଧୁ,ସନ୍ଥ ଓ ଶ୍ରଦ୍ଧାଳୁମାନଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଲନଗର ସତ୍ୟସେବା କେନ୍ଦ୍ରର ସମ୍ପାଦକ ଉପେନ୍ଦ୍ର କର, ବାବାଙ୍କର ପଟ୍ଟଶିଷ୍ୟ ଦେବାଶିଷ ଜଗତି,



ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି, କେନ୍ଦ୍ରାପଡା ସାହିତ୍ୟ ସଂସଦ ସମ୍ପାଦକ ଶୁଭାଂଶୁ କୁମାର ଦାସ, ଆଇନଜୀବୀ ପ୍ରଦୀପ କୁମାର ଦାଶ, ଶରତ କୁମାର ରାଉତ, ଆଶ୍ରମ ପରିଚାଳନା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ନଟବର ବିଶ୍ୱାଳ, ନିକୁଞ୍ଜବିହାରୀ ପୃଷ୍ଟି ପ୍ରମୁଖ ଯୋଗଦେଇ 'ଶ୍ରୀ ବୈକୁଣ୍ଠ ନିର୍ଝରିଣୀ' ପୁସ୍ତକରେ ସ୍ଥାନ ପାଇଥିବା ବିଷୟବସ୍ତୁର ସମୀକ୍ଷା କରିଥିଲେ। ସଂପୂର୍ଣ୍ଣ ପୁସ୍ତକଟି ବାବା ବୈକୁଣ୍ଠନାଥଙ୍କ ଦାର୍ଶନିକ ତତ୍ୱ, ବାବାଙ୍କ ଅମୃତବାଣୀ ଉପରେ ଆଧାରିତ ହୋଇଛି। ଏହି ଉତ୍ସବରେ ଗରାପୁର ମହାବୀର ସତ୍ୟସେବା ମଣ୍ଡଳ, ଯୁବମଣ୍ଡଳ, ଗୁଲନଗର, ତରାଣ୍ଡୋ, ମାଣିପୁରା, ହଜାରୀ ବଗିଚା ଓ ମହିଳା ସତ୍ୟସେବା ମଣ୍ଡଳର ସଦସ୍ୟ ଅଭିମନ୍ୟୁ ଗୋଛାୟତ, ବାସୁଦେବ ତ୍ରିପାଠୀ, ପରମାନନ୍ଦ ସାହୁ, ରବିନାରାୟଣ ସାହୁ, ରମାକାନ୍ତ ବିହାରୀ, ଅରିକ୍ଷିତ ରାଉତ, ଶରତ ଚନ୍ଦ୍ର ରାଉତ, ଏକାଦଶୀ ମୁଖୀ, ବୈରାଗୀଚରଣ ସାହୁ, ନିତ୍ୟାନନ୍ଦ ମହାନ୍ତି, ଗଣେଶ୍ୱର ସାହୁ, କରୁଣାକର ସାହୁ, ନାରାୟଣ ସାହୁ, ମଧୁସୁଦନ ସାହୁ, ମଣ୍ଡଳ ପରିଦର୍ଶକ ବଳରାମ ନାୟକ, ସେବକ ପୁରସ୍ତମ ଗେରୁ, ନିର୍ମଳା ସାହୁ, ବାସନ୍ତୀ ଦାସ, ବିଦ୍ୟୁଲତା ପ୍ରଧାନ, ରାଜଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ କରି ଜୀବନ ବଞ୍ଚାଇଲେ ଯୁବନେତା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ସେକ ଅନୱାରଙ୍କ ପତ୍ନୀ ଜାହାର ବିବି ବୋନ କର୍କଟରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ବି(+) ରକ୍ତର ଜରୁରୀ ଆବଶ୍ୟକତା ପଡିବାରେ ରକ୍ତଭଣ୍ଡାରରେ ସେହି ଗ୍ରୁପର ରକ୍ତ ନଥିଲା। ଏସମ୍ପର୍କରେ ଖବର ପାଇ ବିଜୁ ଜନତା ଦଳର ଯୁବନେତା ସେକ ସବିର ହୋସେନଙ୍କ ସଂଯୋଜନାରେ କେନ୍ଦ୍ରାପଡା ସହର ଅନ୍ତର୍ଗତ ବଡହାଟ ଏମାମବାଡାର ସେକ ଜାବୀର ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଫଳରେ ବୋନ କର୍କଟ ପିଡିତ ଜାହାରଙ୍କ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିଥିଲା। ଏହି ମହତ କାର୍ଯ୍ୟ ପାଇଁ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ଅକ୍ରମ ଖାଁ, ଯୁବନେତା ମହମ୍ମଦ ରୋଶନ, ନଜିମ ଖାଁ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ୪ଆହତ

ଧର୍ମଶାଳା(ପିଏନ୍): ଧର୍ମଶାଳା ଥାନା ଅ'ର୍ଗତ ଭବାନୀପୁର ପଞ୍ଚାୟତ ଭୁବନ ଗାଁ ନିକଟ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ନାବାଳିକାଙ୍କ ସମେତ ୪ଜଣ ଆହତ ହୋଇଥିଲେ। ସ୍ଥାନୀୟ ଉତ୍ତରପ୍ରତାପ ଗ୍ରାମର ଦୟାନିଧି ରାଉତ(୫୦),ବାତୁଅ ମହାନ୍ତି (୫୨) ଓ ଲିପ୍ସା ରାଉତ(୧୧) ଏକ ବାଇକରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ଦେଓଦା ଗ୍ରାମର ବାଲାଜୀ ପ୍ରସାଦ ପଣ୍ଡା (୨୮)ଙ୍କ ସହିତ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ସମସ୍ତେ ଆହତ ହୋଇଥିଲେ। ନିକଟସ୍ଥ ଲୋକମାନେ ଆହତମାନଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ।

## ରାତିଅଧିଆ ମୋରମ୍ ଚୋରି, ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ

ହାଟଡିହି (ପିଏନ୍):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବିଭିନ୍ନ ସ୍ଥାନରେ ମୋରମ, ବାଲି ଚୋରା ଚାଲାଣ ହେଉଥିବା ବେଳେ ବାରମ୍ବାର ତା'ର ପୁନରାବୃତ୍ତି ହୋଇଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ହାଟଡିହି ବ୍ଲକ ସଢା, ଢେଙ୍କା, ପଢିଆରିପଲ୍ଲୀ, ହଦଗଡ ପ୍ରଭୃତି ପଂଚାୟତ ମୋରମ, ମାଙ୍କଡା ପଥର ଓ ଖଣି ଖାଦାନର ଅଂଚଳ ଭାବେ ପରିଗଣିତ ହେଉଥିବା ବେଳେ ଏଠାରେ ମୋରମ ଓ ଖଣି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାର ଜ୍ୱଳନ୍ତ ଉଦାହରଣ ଢେଙ୍କା ପଂଚାୟତରେ ଦେଖିବାକୁ ମିଳିଛି। ଢେଙ୍କା ଅଂଚଳରେ ଜଣେ ଅସାଧୁ ମୋରମ ମାଫିଆ ତହସିଲ ଏବଂ ପୋଲିସ୍ ପ୍ରଶାସନକୁ ହାତବାରିସି କରି ଜେସିବି ମେସିନ୍ ସାହାଯ୍ୟରେ ୨୫/୩୦ ଟ୍ରାକ୍ଟର ସାହାଯ୍ୟରେ ଏଆରଏସ୍‌ଏସ୍ କର୍ମଚାରୀଙ୍କ ସହଯୋଗରେ ମୋରମ ଚୋରା ଚାଲାଣ କରୁଥିବା ନଜରକୁ ଆସିଛି। ବୈତରଣୀରୁ ସାଳନ୍ଦୀ ନଦୀ ସଂଯୋଗିକରଣ ଯୋଜନାରେ ମୋରମ ଖୋଳାଯାଇ ଢେଙ୍କାଠାରେ ଗଛିତ ରଖାଯାଇଥିଲା। ଏହି ମୋରମକୁ ସକ୍ରିୟ ମୋରମ ମାଫିଆ ରାତିରେ ଶହ ଶହ ଟ୍ରିପ୍ ମୋରମ ଚୋରି କରି ବିଭିନ୍ନ ସ୍ଥାନକୁ ଚାଲାଣ କରିବା ସହିତ ନିଜେ ମନରେଗା ଯୋଜନାରେ କାର୍ଯ୍ୟ କରି ମୋରମକୁ କାର୍ଯ୍ୟରେ ଲଗାଇଛନ୍ତି। ଏଥିପ୍ରତି ତହସିଲ ପ୍ରଶାସନର ନଜିର ଅଛି ନା ପୋଲିସ ପ୍ରଶାସନର ନଜିର ରହିଛି। ଏଣୁ ଅଂଚଳବାସୀ କ୍ଷୁବ୍ଧ ହୋଇ ଜିଲ୍ଲାପାଳଙ୍କୁ ଟୁଇଟ୍ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ୩ ବଖରା ଛଣ ଛପର ଘର ଭସ୍ମୀଭୂତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅ'ର୍ଗତ ପାଟପୁର ଗ୍ରାମରେ ୩ବଖରା ଛଣ ଛପର ଘର ଜଳିଯାଇଛି। ରୋଷେଇ କରୁଥିବା ବେଳେ ଚୂଲୀରୁ ନିଆଁ ଉଠି କୈଳାସ ମଲିକ, ମହେଶ୍ୱର ମଲିକ ଓ ଭାବଗ୍ରାହୀ ମଲିକଙ୍କ ଗୋଟିଏ ଲେଖାଏଁ ବଖରା ଜଳିଯାଇଥିଲା। ଘରେ ଥିବା ଧାନଚାଉଳ, ବାସନକୁସନ, ପୋଷାକ, ଦରକାରୀ କାଗଜପତ୍ର ସମେତ ବିଭିନ୍ନ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି। ଖବରପାଇ ଚଣ୍ଡିଖୋଲ ଦମକଳ ବାହିନୀ ପହଁଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ସରକାରୀ ସହାୟତା ସହିତ ଆବାସ ଯୋଗାଇ ଦେବାକୁ ସରପଞ୍ଚ ନଗେନ୍ ଦାସ, ରୋଟାରିଆନ୍ ପ୍ରଶାନ୍ତ କୁମାର ପୃଷ୍ଟି ଓ ସାମାଜିକ କର୍ମୀ ନିରଂଜନ ମଲିକ ପ୍ରଶାସନକୁ ଅନୁରୋଧ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# କାର ଦୂର୍ଘଟଣାକୁ ନେଇ ତୈଳ ବିଶୋଧନାଗାର ଆଗରେ ଧାରଣା




ପାରାଦୀପ, (ପି.ଏନ): ପାରାଦୀପ ତୈଳ ବିଶୋଧନାଗାର ରାସ୍ତାରେ ଏକ କାର ଦୃତଗତି ରେ ଯାଇ ଗୋଟିଏ ଟାଟା ଏସି ଓ ଜଣେ ବାଇକ୍ ଚାଳକଙ୍କୁ ଧକ୍କା ଦେଇ ପଳେଇ ଯିବାକୁ ନେଇ ଉତ୍ୟକ୍ତ ଲୋକମାନେ ବିଶୋଧନାଗାର ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ପ୍ରାୟ ଦୁଇ ଘଣ୍ଟା ଧରି ଲୋକମାନେ ଧାରଣା ଦେବା ସହ ଦୂର୍ଘଟଣା ଘଟାଇ ଥିବା କାର୍ ଚାଳକକୁ ଧରିବା ସହ କ୍ଷତିପୂରଣ ଦାବୀ କରିଥିଲେ । ଘଟଣାରୁ ପ୍ରକାଶ ଯେ, ବୁଧବାର ସକାଳେ ପାରାଦୀପ ତୈଳ ବିଶୋଧନାଗାରର ଜନୈକ ଅଧିକାରୀ କେ. କାନନ୍ ନିଜର ଟିଏନ୍-୧୮-ଏଫି-୦୩୨୬ ହୋଣ୍ଡା ସିଟି କାର୍ ଦୃତଗତିରେ ଚଳାଇ ବିଶୋଧନାଗାରକୁ ଯାଉଥିଲେ । ଦୃତଗତିରେ ଯାଉଥିବା ବେଳେ ରାସ୍ତାରେ ଏକ ଟାଟା ଏସି ଗାଡିକୁ ଧକ୍କା ଦେବାରୁ ଗାଡିଟି ଘଟଣାସ୍ଥଳରେ ଲେଉଟି ପଡିଥିଲା । ଏହା ପରେ ଉକ୍ତ ହୋଣ୍ଡା ସିଟି କାର୍ ଅନ୍ୟ ଏକ ବାଇକ୍ କୁ ଧକ୍କା ଦେବାରୁ ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡିଥିଲେ । ଦୁଇ ଦୁଇଟି ଦୂର୍ଘଟଣା ଘଟାଇ କାର୍ ଚାଳକ ଦୃତଗତିରେ ବିଶୋଧନାଗାର ଭିତରକୁ ପଳେଇ ଯାଇଥିଲେ । ଏହା ପରେ ଅନ୍ୟମାନେ ଘଟଣାସ୍ଥଳରେ ପହଂଚିବା ପରେ ବିଶୋଧନାଗାର ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ଫଳରେ ବିଶୋଧନାଗାର ଭିତରକୁ ଯିବା ଆସିବା ପ୍ରାୟ ଦୁଇ ଘଣ୍ଟା ଧରି ବନ୍ଦ ରହିଥିଲା । ଅଭୟଚାନ୍ଦପୁର ପୋଲିସ୍ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ । ବିଶୋଧନାଗାର ପକ୍ଷରୁ ଆହତଙ୍କ ଚିକିତ୍ସା କରିବା ସହ ଭାଙ୍ଗି ଯାଇଥିବା ଗାଡିର ମରାମତି କରାଯିବା ସହ ଏସମ୍ପର୍କରେ ଥାନା ରେ ଏକ ମୋକଦ୍ଦମା ହେବ ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି

## ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ସଚେତନତା ଶିବିର

ଯୋଡା,(ପି.ଏନ): ଫିନିସ ସୋସାଇଟି ନାମକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜେଏସ୍ଡବ୍ଲୁ ଫାଉଣ୍ଡେସନ ସହଯୋଗରେ ଯୋଡା ବ୍ଲକସ୍ଥିତ ଜଜାଙ୍ଗ ପଞ୍ଚାୟତ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏକ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇାଯଇଛି । ଜଳ, ପରିମଳ, ପରିଚ୍ଛନତା ତଥା ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ଦ୍ୱାରା ନିଜ ଗ୍ରାମକୁ କିଭଳି ଭାବରେ ସବୁଜ ସୁନ୍ଦର ଗ୍ରାମରେ ପରିଣତ କରିହେବ ସେ ସଂକ୍ରାନ୍ତରେ ମହିଳାମାନଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜଜାଙ୍ଗ ଖଣି ଅନ୍ତର୍ଗତ ହୁଡିସାହି, ଜଜାଙ୍ଗ, ହେସାବେଡା, ଓଏମ୍ସି ବ୍ଲକ, ମନସା ପ୍ରଭୃତି ଗ୍ରାମକୁ ୧୫୦ରୁ ଉର୍ଦ୍ଧ୍ୱ ମହିଳା ଏହି କାର୍ଯ୍ୟକ୍ରମଟିରେ ଯୋଗଦେଇଥିଲେ । ଏଥିରେ ଜେଏସ୍ଡବ୍ଲୁ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ମୁଖ୍ୟ ସବନ ଝା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱେଚ୍ଛାସେବୀ ସଂଗଠନର ପ୍ରକଳ୍ପ ପରିଚାଳକ ତପନ କୁମାର ଜେନା, ପାର୍ଥ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ବନ୍ଧରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମଟିକୁ ସ୍ୱେଚ୍ଛାସେବୀ ସଂଗଠନର ବ୍ଲକ ସଂଯୋଜକ ମମିତା ବଳ ପରିଚାଳନା କରିଥିଲେ ।

## ବିଜେଡିର ମିଶ୍ରଣ ପର୍ବ, ଶତାଧିକ କର୍ମୀ ବିଜେଡିରେ ସାମିଲ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲାର ସଦର ନିର୍ବାଚନ ମଣ୍ଡଳୀ ବାଂଶପାଳ ବ୍ଲକର ତଳକଇଁସାରୀ ଗ୍ରାମ ପଞ୍ଚାୟତରେ ବୁଧବାର ଦିନ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତଳକଇଁସାରୀ ଗ୍ରାମ ପଞ୍ଚାୟତର ତଳକଇଁସାରୀ, ଇଚିଣ୍ଡା,ଜଳଡିହି, ଉପରକଇଁସାରୀ, ନିତିଗୋଠ, ଅର, ମେଦିନିପୁର ଓ ଭେଜିଡିହିରୁ ପାଖାପାଖି ୨୫୦୦ ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲା ବିଜୁ ଜନତା ଦଳର ସଭାପତି ମାଧବ ସର୍ଦ୍ଦାର ଅଧ୍ୟକ୍ଷତା କରିଥିବାବେଳେ ଜିଲା ସଂପାଦକ ତଥା ପୂର୍ବତନ ବାଂଶପାଳ ବ୍ଲକ ବିଜେଡି ସଭାପତି ଉମାକାନ୍ତ ବିନ୍ଧାଣୀ ସଭା ପରିଚାଳନା କରିଥିଲେ । ଏଥିରେ ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର ବିଜେଡିରେ ଯୋଗଦେଇଥିବା ନୂତନ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଲୋକାଭିମୁଖୀ ବିକାଶମୂଳକ ଯୋଜନା ସଂପର୍କରେ ଲୋକଙ୍କୁ ଅଭିଭାଷଣ ମାଧ୍ୟମରେ ଅବଗତ କରିଥିଲେ । ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର,ବାଂଶପାଳ ବ୍ଲକ ଅଧ୍ୟକ୍ଷା ଦଶରୀ ମନ୍ତ୍ରୀ,ଉପାଧ୍ୟକ୍ଷ ବାବୁଲି ପଲେଇ,ରାଜ୍ୟ ଯୁବ ବିଜେଡି ସାଧାରଣ ସଂପାଦକ ଅନ ବେଜ,ଛାତ୍ର ବିଜେଡି ବ୍ଲକ ସଭାପତି ଦେବପ୍ରସନ୍ନ ବାରିକ,ସମାଜସେବୀ ସୁଶାନ୍ତ ସାମଲ,ଯୁବ ବିଜେଡି ଉପସଭାପତି ମାନସ ରନ ବାରିକ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କର ନୀତି,ଆଦର୍ଶ ତଥା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ବନ୍ଧରେ ଉପସ୍ଥିତ କର୍ମୀଙ୍କୁ ଅବଗତ କରିଥିଲେ । ମିଶ୍ରଣ ପର୍ବରେ ତଳକଇଁସାରୀ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୫୦ ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେଡିରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ମାନସ ଦେହୁରୀ,ସମାଜସେବୀ ଅଖିଳ ବାରିକ,ବୈକୁଣ୍ଠ ବେହେରା, ସରପଞ୍ଚ ଚୈତନ୍ୟ ଚରଣ ମଲ୍ଲିକ, ମହେଶ୍ୱର ମହାକୁଡ,ଉତ୍ତମ ବାରିକ, ପାଣ୍ଡୁ ମହାକୁଡ,ପରମେଶ୍ୱର ବାରିକ, ମିଥୁନ ବାରିକ,ପୂର୍ବତନ ସରପଞ୍ଚ ବାସନ୍ତୀ ବେହେରା,କ୍ଷେତ୍ରବାସୀ ବେହେରା,ବିଜିତ ବାରିକ,ବିରଞ୍ଚି ଦେହୁରୀ,ଈଶ୍ୱର ବେହେରା,ବିଜୟ କୁମାର ପାତ୍ର,ନାରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରସ୍ତାବିତ ପିସିପିଆଇଆର୍ ପ୍ରକଳ୍ପ ନିମନ୍ତେ ଜନ ଶୁଣାଣୀ

ପାରାଦୀପ-(ପି.ଏନ) : ପାରାଦୀପ ପୌର କଲ୍ୟାଣ ମଣ୍ଡପ ପରିସରରେ ପ୍ରସ୍ତାବିତ ପେଟ୍ରୋଲିୟମ୍, ରସାୟନ ଓ ପେଟ୍ରୋକେମିକାଲସ୍ ଅଂଚଳ (ପିସିପିଆଇଆର୍ ) ପ୍ରକଳ୍ପ ନିମନ୍ତେ ବୁଧବାର ଦିନ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଇଡକୋ ପକ୍ଷରୁ ଆୟୋଜିତ ଏହି ଜନଶୁଣାଣୀରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧୀର ଅଧକ୍ଷତା କରିଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ଦିଲ୍ଲୀପ କୁମାର ଦାଶ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଇଡକୋ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।

## ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ ସମ୍ପର୍କିତ କର୍ମଶାଳା

ଯୋଡା,(ପି.ଏନ): ଯୋଡା ପୌରପାଳିକା ସଭାଗୃହରେ ବୁଧବାର ଦିନ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରକଳ୍ପ ନିର୍ଦ୍ଦେଶକ ସହରାଞ୍ଚଳ ଉନ୍ନୟନ ବିଭାଗ ଘାସିରାମ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡ. ଅରବିନ୍ଦ ପଣ୍ଡା, ମହିଳା ମହାବିଦ୍ୟାଳୟର ଅଧକ୍ଷ ମୃଦଳା ମହାନ୍ତି, ଯୋଡା ପୌରନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ଯୋଡା ପୌରପାଳିକା ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରତାପ ନାଏକ ପ୍ରମୁଖ ଯୋଗଦେଇଥିଲେ । ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ବ୍ୟବସାୟୀ ସଂଘ, ଯୋଡା ସହରର ବିଶିଷ୍ଟ ବ୍ୟକ୍ତି ଏବଂ ସଫେଇ କର୍ମଚାରୀ, ସୁପରଭାଇଜର ଯୋଗଦେଇ ଯୋଡା ସହରକୁ କିଭଳି ଭାବେ ଅଧିକ ସ୍ୱଚ୍ଛ, ସୁନ୍ଦର କରାଯାଇପାରିବ ସେ ସଂକ୍ରାନ୍ତରେ ନିଜର ମତାମତ ବ୍ୟକ୍ତ କରିଥିଲେ । ଏହି ସ୍ୱଚ୍ଛ ସର୍ବେକ୍ଷଣରେ ଡ. ଅରବିନ୍ଦ ପଣ୍ଡା ଏବଂ ଡ. ମୃଦଳା ମହାନ୍ତିଙ୍କୁ ସର୍ବେକ୍ଷଣର ମୁଖିଆ ଭାବେ ଦାୟିତ୍ୱ ଦିଆଯାଇଥିଲା । ଯୋଡା ସହରର ୧୪ଟି ୱାର୍ଡ ମଧ୍ୟରୁ ୨୮ଜଣ ସ୍ୱଚ୍ଛ କର୍ମୀଙ୍କୁ ଚିହ୍ନଟ କରାଯାଇ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା । ସ୍ୱଚ୍ଛ ସର୍ବେକ୍ଷଣ ଜନୀତ ଏକ ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗୀତା ମହିଳା ମହାବିଦ୍ୟାଳୟ ଏବଂ ଡିଏଭି ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ କରାଯାଇଥିବା ବେଳେ ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଡା ଜନସାଧାରଣଙ୍କ ଠାରୁ ଯୋଡା ସହରକୁ କିଭଳି ଅଧିକ ସ୍ୱଚ୍ଛ ଓ ନିର୍ମଳ ରଖାଯାଇପାରିବ ସେ କର୍ମ୍ପକରେ ବିଭିନ୍ନ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା । ଆଗାମୀ ଜାନୁଆରୀ ମାସ ୬ ତାରିଖ ସୁଦ୍ଧା ସର୍ବୋତ୍କୃଷ୍ଟ ପ୍ରସ୍ତାବକୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ଥିବା ନିର୍ବାହୀ ଅଧିକାରୀ ଘୋଷଣା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଏକ ବଡାଖାନାର ଆୟୋଜନ କରାଯାଇଥିଲା ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶର୍ସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଜାନୁଆରୀ ୭ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତା ୦୭.୦୧.୨୦୨୨ରିଖ ଦିନ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ (ଓ.ଏସ୍.ଏମ.ଇ.) ପଡିଆରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହେବ । କେନ୍ଦୁଝର ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଏହି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରି ପାରିବେ । ରାଜ୍ୟ ଏବଂ ରାଜ୍ୟ ବାହାରର ଘରୋଇ ସଂସ୍ଥାମାନେ ଏହି ନିଯୁକ୍ତି ମେଳାରେ ସେମାନଙ୍କ ସଂସ୍ଥା ନିମନ୍ତେ ଆବଶ୍ୟକୀୟ ପଦ ପଦବୀ ପାଇଁ ପ୍ରାର୍ଥୀ / ପ୍ରାର୍ଥୀନୀ ଚୟନ କରିବେ । ଉକ୍ତ ନିଯୁକ୍ତି ମେଳାରେ ଯୋଗ ଦେବା ପାଇଁ ପ୍ରାର୍ଥୀ / ପ୍ରାର୍ଥୀନୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ପଂଚମ ପାସ୍ ରୁ +୩ (ସ୍ନାତକ) ପାସ୍, ଆଇ.ଟି. ଆଇ., ଡିପ୍ଲୋମା, ଏ.ଏନ୍.ଏମ୍. ଓ ଜି.ଏନ୍.ଏମ୍. ପାସ୍ କରିଥିବା ଆବଶ୍ୟକ ଏବଂ ବୟସ ସୀମା ୧୮ ରୁ ୩୫ ବର୍ଷ ବୟସ ମଧ୍ୟରେ ହୋଇଥିବା ଦରକାର । ଇଚ୍ଛୁକ ଯୁବକ / ଯୁବତୀମାନେ ନିଜ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ତା ୦୭.୦୧.୨୦୨୨ରିଖ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ସମୟ ମଧ୍ୟରେ ଯୋଗ ଦେଇ ପାରିବେ ଏବଂ ଯୋଗ୍ୟ ବିବେଚିତ ହେଲେ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେଇ ପାରିବେ । ସୂଚନାଯୋଗ୍ୟ ଯେ ଉକ୍ତ ନିଯୁକ୍ତି ମେଳାରେ ପ୍ରାର୍ଥୀ / ପ୍ରାର୍ଥୀନୀମାନଙ୍କ ଯୋଗଦାନ ନିମନ୍ତେ କୌଣସି ଯାତାୟମ ଖର୍ଚ୍ଚର ବ୍ୟବସ୍ଥା ନାହିଁ । ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ / ପ୍ରାର୍ଥୀନୀମାନେ ଉକ୍ତ ନିଯୁକ୍ତି ମେଳାର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ବୋଲି ଜିଲ୍ଲା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ ପ୍ରକାଶ କରିଛନ୍ତି ।

## କୃଷକ ସଙ୍ଗଠନର ତହସିଲ ଅଫିସ ଆଗରେ ଧାରଣା

ଖୋର୍ଦ୍ଧା, (ପିଏନ): ବେଗୁନିଆ ତହସିଲ ଅଫିସ ଆଗରେ କୃଷକ ସଙ୍ଗଠନର ୩ ଦଫା ଦାବୀ ନେଇ ଆଜି ପୂର୍ବାହ୍ନରେ ଦୁଇ ଘଂଟା ଧରି ଧାରଣାରେ ବସିଥିଲେ ।ଚାଷୀମାନେ ଜୱାଦ ଜନିତ ଲଘୁଚାପ ବର୍ଷାରେ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଥିବାରୁ ସରକାର ପକ୍ଷରୁ ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ପ୍ରଦାନ,ଫସଲ ବୀମା ପ୍ରଦାନ ଓ କୃଷି ଋଣ ଛାଡ ଭଳି ଦାବୀକୁ ଧରି ସଙ୍ଗଠନର ସଭାପତି ପୂର୍ଣ୍ଣ ଚନ୍ଦ୍ର ଭୂଜବଳ ,ସମାଜସେବୀ ଭିକାରୀ ଚରଣ ସାହୁ ଓ ସଉରୀ ସାହୁ ସମେତ ଧାରଣାରେ ବସିଥିଲେ । ପରେ ସ୍ଥାନୀୟ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ଘଟଣାରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ନିମନ୍ତେ ଦୁଇ ସପ୍ତାହ ସମୟ ମାଗିଥିଲେ ।

## ରାଜ୍ୟ ସ୍ତରୀୟ ଦ୍ୱିତୀୟ କ୍ରିକେଟ ଟୁର୍ଣ୍ଣାମେଂଟ,ଖୋର୍ଦ୍ଧା ଫାଇନାଲରେ



ଖୋର୍ଦ୍ଧା,(ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରକାରୀ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ସଲଗ୍ନ ଖେଳ ପଡିଆରେ ରାଜ୍ୟ ସ୍ତରୀୟ ଦ୍ୱିତୀୟ କ୍ରିକେଟ ଟୁର୍ଣ୍ଣାମେଂଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି ।ଏ ନେଇ ଆଜିର ମ୍ୟାଚଟି କୁମାରବସ୍ତ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଓ ଖୋର୍ଦ୍ଧା କଳିଙ୍ଗ ଟାଇଗର୍ସ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଖୋର୍ଦ୍ଧା କଳିଙ୍ଗ ଟାଇଗର୍ସ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୨୩୪ ରନ ସଂଗ୍ରହ କରିଥିବା ବେଳେ ବିଜୟ ଲକ୍ଷ୍ୟରେ କୁମାରବସ୍ତ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ୨୧୦ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା ।ଏହି ଖେଳରେ ଜ୍ୟୋତି ଶଙ୍କର ମହାନ୍ତି ଓ ଅଧ୍ୟକ୍ଷା ଡଃ ଏଲୋରା ମହାନ୍ତି ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଖେଳରେ ଶ୍ରୀକାନ୍ତ କୁମାର ବାହିନୀପତି ଓ ସୁଧିରଞ୍ଜନ ପଣ୍ଡା ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ସତ୍ୟବାଦୀ ଦୋରା ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।

## ଡାଲି ଓ ତୈଳ ବୀଜ ସଂଗ୍ରହ ପାଇଁ ଜିଲ୍ଲା ସ୍ତରୀୟ କମିଟିର ବୈଠକ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ସଦର ମହକୁମାର ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ତୈଳ ବୀଜ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ବୈଠକରେ ଉପଜିଲ୍ଲାପାଳ ମନୋଜ କୁମାର ପାଢୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ,କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ମହାରଣା,ଖୋର୍ଦ୍ଧା ଡିଭିଜନର ଜଳସେଚନ ଯନ୍ତ୍ରୀ ସୁବ୍ରତ ଦାସ,ଜିଲ୍ଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ ପ୍ରମୁଖ ଯୋଗ ଦେଇ ଡାଲି ଜାତୀୟ ଫସଲ ଓ ତୈଳ ବୀଜ ଅଧିକରୁ ଅଧିକ ଚାଷ କରି ଲାଭବାନ ହୋଇ ପାରିବା ସହ ଆତ୍ମ ନିର୍ଭରଶୀଳ ହୋଇପାରିବେ ।ଗତବର୍ଷ ବାଣପୁର ବ୍ଲକରେ ୧୫୨ କ୍ୱିଂଟାଲ ଚିନାବାଦାମ ସଂଗ୍ରହ କରାଯାଇଥିବା ବେଳେ ବାଲିପାଟଣା ବ୍ଲକରେ ୧୮୯୩ କ୍ୱିଂଟାଲ ମୁଗ କ୍ରୟ କରାଯାଇଥିଲା ବୋଲି ଜିଲ୍ଲା କୃଷି ଅଧିକାରୀ କହିଥିଲେ ।ଚଳିତ ବର୍ଷ ଚାହୀମାନେ କିପରି ଉତ୍ପାଦିତ ଦ୍ରବ୍ୟ ପଞ୍ଜୀକରଣ ଓ ଓ ବିକ୍ରୀ କରିପାରିବେ ସେ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯିବ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ୩୨ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ : କ୍ରାଉନ ସ୍ପୋର୍ଟିଂକୁ ହରାଇ ଜୁଭେନାଇଲ ସ୍ପୋର୍ଟିଂ ଫାଇନାଲରେ



କାକଟପୁର, (ପି.ଏନ): ୩୨ତମ ରାଜ୍ୟ ସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ର ୧ମ ସେମି ଫାଇନାଲ ମ୍ୟାଚରେ ଆଜି କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ବନାମ ଜୁଭେନାଇଲ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି କ୍ରାଉନ ସ୍ପୋର୍ଟିଂ ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୨୫ଓଭରେ ସମସ୍ତ ୱିକେଟ୍ ହରାଇ ୧୧୬ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନ୍ୱେଷ ଦାସ ୩୨, ନିଲୁ ପ୍ରଧାନ ୨୩ରନ୍ ସଂଗ୍ରହ କରିଥିଲେ। ଜୁଭେନାଇଲ ପକ୍ଷରୁ ବୋଲିଂ କରି ଏମଡି ସାହିଲ ରାଜା ୫ଓଭରରେ ୨୦ରନ୍ ଦେଇ ୩ଟି ୱିକେଟ୍, ସୂର୍ଯ୍ୟନାରାୟଣ ୪ଓଭର ୩୨ରନ୍ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୧୭ରନର ବିଜୟ ଲକ୍ଷ୍ୟନେଇ ଜୁଭେନାଇଲ୍ ସ୍ପୋର୍ଟିଂ କଟକ ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚର ଶେଷ ଓଭରର ପ୍ରଥମ ବଲରେ ଚୌକା ମାରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ସତ୍ୟ ପ୍ରକାଶ ତ୍ରିପାଠୀ ୨୭ବଲ୍ ଖେଳି ୨୫ରନ୍, ସିଦ୍ଧାର୍ଥ ନାୟକ ୨୧ବଲ ଖେଳି ୨୪ରନ୍ ସଂଗ୍ରହ କରିଥିଲେ। କ୍ରାଉନ୍ ସ୍ପୋର୍ଟିଂ ପକ୍ଷରୁ ବୋଲିଂ କରି ସୂର୍ଯ୍ୟକାନ୍ତ ସାମଲ ୫ଓଭର ୧୭ରନ୍ ଦେଇ ୨ଟି ୱିକେଟ୍, ନିଲୁ ପ୍ରଧାନ ୫ଓଭର ୧୮ରନ୍ ବିନିମୟରେ ୨ ୱିକେଟ୍ ଅକ୍ତିଆର କରିଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ଜୁଭେନାଇଲ ସ୍ପୋର୍ଟିଂର ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦିକ୍ଷିତ୍, ବିଜୁ ଜନତାଦଳର ଯୁବନେତା ମାନସ କୁମାର ଦିକ୍ଷିତ୍, ବ୍ରାଣ୍ଡ ଫ୍ୟାକ୍ଟ୍ରୀର ସତ୍ତାଧିକାରୀ ପ୍ୟାର ମହମ୍ମଦ, ସୂର୍ଯ୍ୟପ୍ରଭା ର ସମ୍ପାଦିକ ଆଦିତ୍ୟ ରାଉତ। ଆଜିର ମ୍ୟାଚ ପରିଚାଳନା କରିଥିଲେ ଦୁଇ ବରିଷ୍ଠ ଅମ୍ପାୟାର ନିର୍ମଳ କୁମାର ମିଶ୍ର ଏବଂ ଅୟେଶ କାନ୍ତ ମିଶ୍ର। ଧାରା ବିବରଣୀ ପ୍ରଦାନ କରିଥିଲେ ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ଦିକ୍ଷିତ୍। ସ୍କୋର ଦାୟିତ୍ୱରେ ଥିଲେ କୁମାର ବାବୁ, ରାକେଶ ଦିକ୍ଷିତ୍, ଜ୍ୟୋତିପ୍ରକାଶ, ତ୍ରିଲୋଚନ, ଏସ ଲିକୁନ, କାହ୍ନା ପଣ୍ଡା, ରୋହନ ଦିକ୍ଷିତ୍। ଆସନ୍ତା ୩୦/୧୨ରେ ଅନୁଷ୍ଠିତ ହେବାକୁଥିବା ୨ୟ ସେମିଫାଇନାଲ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ବନାମ ହିନ୍ଦୁସ୍ତାନ ସ୍ପୋର୍ଟିଂ ଜଗତ୍‌ସିଂହପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ମଙ୍ଗଳା କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି।

# ୨୦୦୮ ସିଟି ବ୍ୟାଚ ସହପାଠୀଙ୍କ ବନ୍ଧୁମିଳନ



ଖଣ୍ଡପଡା,(ପି.ଏନ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଖୋର୍ଦ୍ଧାରେ ଅଧ୍ୟୟନରତ୨୦୦୬-୦୮ ସିଟି ବ୍ୟାଚ ସହପାଠୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୫ ଜଣ ଶିକ୍ଷକ ଓ ପ୍ରଶିକ୍ଷକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏକତ୍ରିତ ହୋଇ ନିଜନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଇ ନିକଟରେ ଉଚ୍ଚ ବିଦ୍ୟାଳୟରେ ନୂତନ ଶିକ୍ଷକ ରୁପେ ନିଯୁକ୍ତି ପାଇଥିବା ଲକ୍ଷ୍ମୀପ୍ରିୟା ସାହୁ, ସଂଜୟ କୁମାର ସାହୁଙ୍କୁ ସହପାଠୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ସହପାଠୀ ଶ୍ରୀନିବାସ ଦାଶ, ସଂଜୟ କୁମାର ସାହୁ ଲଘୁ କଣ୍ଠ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କର ମନୋରଂଜନ କରିଥିଲେ। ପ୍ରଶିକ୍ଷଣ ପ୍ରଦାନ ସମୟରେ ଅଭୁଲା ସ୍ମୃତିକୁ ମନେ ପକାଇ ସହପାଠୀମାନେ ଆନନ୍ଦ ଅନୁଭବ କରିଥିଲେ।

# ଜେଲରୁ ଭିଡ କମାଇବା ପାଇଁ ପାରୋଲରେ ଥିବା ୩୫ କଏଦୀଙ୍କ ସମୟ ଅବଧି ପୁଣି ବଢିଲା

କେନ୍ଦୁଝର,(ପି.ଏନ): ଜେଲରେ ଭିଡ କମାଇବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କେନ୍ଦୁଝର ଜେଲରୁ ପାରୋଲରେ ଯାଇଥିବା ୩୫ ଜଣ କଏଦୀଙ୍କ ସମୟ ଅବଧି ପୁଣି ବୃଦ୍ଧି ପାଇଛି। ୩୫ ଜଣ କଏଦୀ ମେ ମାସରେ ପାରୋଲରେ ଯାଇଥିଲେ। ପ୍ରଥମେ ୧ ମାସ ପାଇଁ ପାରୋଲରେ ଛଡା ଯାଇଥିଲା। ପରେ ଏହାକୁ ପୁଣି ବଢାଯାଇଥିଲା। ଏବେ ପୁଣି ୨ ମାସ ପାଇଁ ବଢାଯାଇଛି। ଜେଲରେ ସଂକ୍ରମଣ ରୋକିବା ଲାଗି କୋଭିଡ ସମୟରେ ଯେଉଁ କଏଦୀଙ୍କୁ ପାରୋଲରେ ଛଡା ଯାଇଥିଲା ଏବେ ପୁଣି କଏଦୀଙ୍କୁ ନ ଫେରାଇବା ପାଇଁ ଉଚ୍ଚସ୍ତରୀୟ କମିଟିକୁ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍ ମୁରଲୀଧର ଏବଂ ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ଭୂମିକା ଚକ୍ଷୁ ହସ୍ପିଟାଲ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ଅନ୍ତର୍ଗତ ଚରୁଆଁ ପଂଚାୟତ ଲୁଣହାର ଗ୍ରାମର ନେତାଜୀ ଯୁବକ ସଂଘ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ଉଦ୍ୟମରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଡାକ୍ତର ମିତାଳି ମହାନ୍ତି ଏବଂ ସହଯୋଗି ନର୍ସ କଳ୍ପନା ସାହୁ, ଲିଜାରାଣୀ ସାହୁଙ୍କ ଦ୍ୱାରା ଚକ୍ଷୁ ସମ୍ବନ୍ଧୀୟ ବିଭିନ୍ନ ରୋଗ ପରୀକ୍ଷା କରାଯାଇ ମୋତିଆବିନ୍ଦୁ ଚିହ୍ନଟ କରି ମାଗଣାରେ ଡାକ୍ତର ସହାୟତା ଯୋଗାଇ ଦିଆଯାଇଥିଲା। ଆଖପାଖ ଗ୍ରାମର ପ୍ରାୟ ୪୦ଜଣ ରୋଗୀ ଯୋଗ ଦେଇ ସେମାନଙ୍କ ଚକ୍ଷୁ ପରୀକ୍ଷା କରିବା ସହ ଚକ୍ଷୁ ବିଶେଷଜ୍ଞଙ୍କ ଠାରୁ ପରାମର୍ଶ ଗ୍ରହଣ କରିଥିଲେ।

# ନବୀନ ସରକାରଙ୍କ ପାଖରେ ମଣିଷର ଜୀବନ ମୂଲ୍ୟହୀନ, ଟଙ୍କା ପାଖରେ ସରକାରୀ




ଭୁବନେଶ୍ୱର, (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟରେ ଚାଲିଥିବା ଗୁଟଖା କମ୍ପାନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଭିତିରି ପ୍ରୋତ୍ସାହନ ରହିଛି ବୋଲି କହି କ୍ଷୋଭ ପ୍ରକାଶ କରିଛନ୍ତି। ଗୁଟଖା ବ୍ୟବସାୟକୁ ବନ୍ଦ କରିବାପାଇଁ ସମସ୍ତ ଆଇନ ଥିବାବେଳେ ନବୀନ ଶାସନର ବାହୁଚ୍ଛାୟାତଳେ ଏହା ଅବାଧରେ ଚାଲିଛି। ସମ୍ବଲପୁର ଉପକଣ୍ଠସ୍ଥିତ ସମ୍ବଲପୁରରୁ ଝାରସୁଗୁଡ଼ା ଯାଇଥିବା ବିଜୁ ଏକ୍ସପ୍ରେସ ରାସ୍ତା କଡ଼ରେ ପରଧୁଆ ପାଲ୍ଲିରେ କେ.ପି. ସୁଗନ୍ଧ ଲିମିଟେଡ ନାମକ କମ୍ପାନୀ ସରକାରଙ୍କ ସମସ୍ତ ପ୍ରତିବନ୍ଧକ ଓ ନିୟମାବଳୀ ଉଲଙ୍ଘନ କରି ନ୍ତମଧୁବନନ୍ତ ସଫଳ ଗୁଟଖା ଓ ପାନମସଲା ଅବାଧରେ ତିଆରି କରୁଛି। ଏହାର ସୁରକ୍ଷା ଦାୟୀତ୍ୱ ନେଇଛି ନବୀନ ବାବୁଙ୍କ ପ୍ରଶାସନ। ଦୁଇଜଣ ମନ୍ତ୍ରୀଙ୍କର ପ୍ରୋତ୍ସାହନରେ ଏହା ଚାଲିଛି ବୋଲି ସାଧାରଣ ଜନତା ଅଭିଯୋଗ କରିଛନ୍ତି। ଏହି କମ୍ପାନୀର ମାଲିକଙ୍କ ସହ ଦୁଇଜଣ ମନ୍ତ୍ରୀଙ୍କର ଭିତିରି ସଂପର୍କ ରହିଛି। ଅଗ୍ନିସମ ବିଭାଗରୁ ଏହି କମ୍ପାନୀକୁ ଅନୁମତି ଦିଆଯାଇ ନାହିଁ। ମାତ୍ର ଏହା ଚାଲୁଛି କିପରି। ଏଥିପାଇଁ ଗୃହବିଭାଗର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଦାୟୀ। ଏହି କମ୍ପାନୀର ଶ୍ରମିକ ଅତି ନିର୍ଯ୍ୟାତିତ ଅବସ୍ଥାରେ ଏବଂ ଅସ୍ୱାସ୍ଥ୍ୟକର ପରିବେଷରେ କାମ କରୁଛନ୍ତି। ହେଲେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ପାଖ ଜିଲ୍ଲାର ଜନପ୍ରତିନିଧି ହୋଇ ମଧ୍ୟ ଏହାକୁ ଘଂଟ ଘୋଡାଇଛନ୍ତି। ଏମାନଙ୍କୁ ଦାୟୀ କରିବାର କାରଣ ହେଲା ବାରମ୍ବାର ସ୍ଥାନୀୟଲୋକ ଏହି କମ୍ପାନୀ ବିରୋଧରେ ଏମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି, ଏମାନଙ୍କର ବିଭାଗୀୟ କର୍ତ୍ତୃପକ୍ଷ ମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ମାତ୍ର, ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଏମାନେ ଉପେକ୍ଷା କରିଛନ୍ତି। କାରଣ ଏହି କମ୍ପାନୀର ମାଲିକଙ୍କ ସହ ଏହି ଦୁଇଜଣ ବିଶିଷ୍ଟ ରାଜନେତାଙ୍କର ଭିତିରି ସଂପର୍କ ରହିଛି। ସରକାରୀ ବ୍ୟାନ ସତ୍ତ୍ୱେ ଦୀର୍ଘ ୮ ବର୍ଷ ହେବ ଏହି ବ୍ୟବସାୟ ଖୁଲମଖୋଲା ଚାଲିଆସୁଥିବା ବେଳେ ପ୍ରଶାସନ କାହିଁକି ନୀରବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ସରକାରଙ୍କ ନିୟମ ଅନୁଯାୟୀ ସ୍କୁଲ ନିକଟରେ ଗୁଟଖା ବିକ୍ରି ନିଷେଧ, ମାତ୍ର ଏକଥାକୁ ମାନୁଛି କିଏ। ଏଠାରେ ପ୍ରଦୁଷଣ ଆଇନକୁ ଖୋଲାଖୋଲି ଉଲଙ୍ଘନ କରାଯାଇଛି। ପ୍ରଦୁଷଣ ବିଭାଗର କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ନିକଟରେ ଏହି କମ୍ପାନୀରେ ହୋଇଥିବା ଅଗ୍ନିକାଣ୍ଡରେ ବହୁ ଶ୍ରମିକ ପୋଡ଼ିଯାଇଛନ୍ତି। ତିନିଜଣ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଅଗ୍ନିଶ୍ରମ ବିଭାଗ ପକ୍ଷରୁ ଏହି କମ୍ପାନୀର କାନ୍ଥ ଭାଙ୍ଗି ଧୂଆଁକୁ ବାହାର କରିବା ସହିତ ନିଆଁକୁ ଆୟତ କରାଯାଇଥିଲା। ଅଗ୍ନିକାଣ୍ଡକୁ ରୋକିବା ପାଇଁ ଯାହା ସରକାରୀ ନିୟମ ଅନୁଯାୟୀ ବ୍ୟବସ୍ଥା କରିବାକଥା ତାହା ଏଠାରେ କରାଯାଇ ନାହିଁ। ଏହି କମ୍ପାନୀ ଅଗ୍ନଶମ ବିଭାଗର ଅନୁମତି ଆଣିନାହିଁ। ମାତ୍ର ହାତଗଣତିରେ କେଇଟା ଛୋଟିଆ ଅଗ୍ନିନିର୍ବାପକ ଯନ୍ତ୍ର ଲୋକଦେଖାଣିଆ ଭାବରେ ରଖାଯାଇଛି। ଯଦି ଏହି ଅଗ୍ନିନିର୍ବାପକ ଯନ୍ତ୍ର ଗୁଡ଼ିକ ଠିକ ସମୟରେ କାମ କରିଥାନ୍ତା ତାହାହେଲେ ଅଗ୍ନିଶମ ଦଳ ପହଂଚିବା ପର୍ଯ୍ୟନ୍ତ ଅଗ୍ନିକାଣ୍ଡ କିଛିଟା ନିୟନ୍ତ୍ରଣରେ ରହିଥାନ୍ତା। ଯାହାଫଳରେ ଅନେକ ଶ୍ରମିକ ସେଠାରେ ଆହତ ହେବାରୁ ବର୍ତିଯାଇଥାନ୍ତେ। ଏହି କାରଖାନାରେ ରାଜ୍ୟ ବାହାରୁ ୫ଶହରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ଅଣାଯାଇ ତିନୋଟି ସିପ୍ଟରେ ନିରନ୍ତର କାମରେ ଲଗାଯାଉଛି। ଅତ୍ୟନ୍ତ ଅସ୍ୱାସ୍ଥ୍ୟକର, ଅପିରଷ୍କାର ଓ ଅପରିଚ୍ଛିନ୍ନ ପରିବେଷ ମଧ୍ୟରେ ଶ୍ରମିକମାନେ କାମକରୁଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ମଧ୍ୟ ସର୍ବନିମ୍ନ ଧ୍ୟାନ ଦିଆଯାଉ ନାହିଁ। ଗୁଟଖା ନିର୍ମାଣ ଓ ପ୍ୟାକିଂ ଆଦିର ବ୍ୟବହୃତ ବହୁତ ଗୁଡ଼ିଏ ସାମଗ୍ରୀ ଅତ୍ୟନ୍ତ ଜଳନଶୀଳ ହୋଇଥିବା ବେଳେ ସେଠାରେ ବାୟୁ ଚଳାଚଳ ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ। କେତେ ଶ୍ରମିକ ଅଛନ୍ତି ଏବଂ ଶ୍ରମିକଙ୍କର ଅବସ୍ଥା କଣ ସେ ବିଷୟରେ ଶ୍ରମ ବିଭାଗ ପାଖରେ ଖବର ନାହିଁ। ଏବେ ଶ୍ରମମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ଘଟଣାକୁ ଚପାଇଦେବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଚିଠି ସଂଖ୍ୟା ୩୬୭, ତା ୩.୧.୨୦୧୩ ଅନୁଯାୟୀ ରାଜ୍ୟରେ ୨୦୧୩ ମସିହାର ଗୁଟଖା ଉତ୍ପାଦନ ଓ ବିକ୍ରି ନିଷେଧ କରାଯାଇଛି। ଖାଦ୍ୟସୁରକ୍ଷା ଓ ସାଧାରଣ ଆଇନ ୨୦୧୧ ଅନୁଯାୟୀ ଗୁଟଖା ସ୍ୱାସ୍ଥ୍ୟ ପାଇଁ ହାନୀକାରକ ଦ୍ରବ୍ୟର ବ୍ୟବହାର ହୋଇଥିବାରୁ ଏହାକୁ ୨୦୧୩ ମସିହା ସଂଶୋଧନ ସଂଶୋଧନ ପରେ ନିଷିଦ୍ଧ କରାଯାଇଛି।

# ପାନୀୟ ଜଳ ପାଇଁ କନାସିଂ ଗ୍ରାମବାସୀ ହନ୍ତସନ୍ତ



ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକର ସିଧାମୂଳା ପଂଚାୟତ ଅଧିନ କନାସିଂ ଗ୍ରାମ ୧୯ନଂ ୱାର୍ଡର ବାସିନ୍ଦାମାନେ ପାନୀୟ ଜଳ ସଂଗ୍ରହ ନିମନ୍ତେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡିଛି। ଗତ ୪ବର୍ଷରୁ ଉର୍ଦ୍ଧ ସମୟ ଧରି ପାଇପ ଲାଇନ ଯୋଗେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉନଥିବାରୁ ଗ୍ରାମର ମହିଳାମାନେ ବାଧ୍ୟ ହୋଇ ନିକଟସ୍ଥ କାକୁଡିମୁଣ୍ଡିଆ ପାଦଦେଶରେ ଥିବା ଏକ ପରିତ୍ୟକ୍ତ କୂପରୁ ପାଣି ସଂଗ୍ରହ କରି ବ୍ୟବହାର କରୁଥିବା ଜଣାପଡିଛି। ଉକ୍ତ କୂପର ପାଣି ପାନୀୟ ଉପଯୋଗୀ ହୋଇନଥିଲେ ହେଁ ପରିସ୍ଥିତି ଦୃଷ୍ଟିରୁ ବାଧ୍ୟ ହୋଇ ଉକ୍ତ ଦୂଷିତ କୂପର ପାଣିକୁ ବ୍ୟବହାର କରୁଛୁ ବୋଲି ଗ୍ରାମର ମହିଳାମାନେ କହିଛନ୍ତି। ଏକଦା ଗ୍ରାମରେ ଥିବା ଏକ ନଳକୂପରୁ ସ୍ଥାନୀୟ ବାସିନ୍ଦା ପାନୀୟ ଜଳ ସଂଗ୍ରହ କରୁଥିଲେ। କିନ୍ତୁ ଗତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଗ୍ରାମବାସୀ ଶାସକ ଦଳ ସମର୍ଥିତ ସରପଂଚ ଓ ସମିତିସଭ୍ୟ ପ୍ରାର୍ଥୀମାନଙ୍କୁ ଭୋଟ ନଦେବାରୁ ଗ୍ରାମରେ ଥିବା ନଳକୂପକୁ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ଶାସକ ଦଳ ପଂଚାୟତ ଲୋକପ୍ରତିନିଧିମାନଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳସ୍ୱରୁପ ପରିତ୍ୟକ୍ତ କୂପର ପାଣି ବ୍ୟବହାର କରି ସ୍ଥାନୀୟ ବାସିନ୍ଦା ମାରାତ୍ମକ ରୋଗରେ ଶିକାର ହେଉଥିବା ଅଭିଯୋଗ ହେଉଛି। ପ୍ରକାଶଥାଉକି ସରକାର ବସୁଧା ଯୋଜନାରେ ଗ୍ରାମାଂଚଳ ବାସିନ୍ଦାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ରାଜନୈତିକ ଆକ୍ରୋଶର ଶିକାର ହୋଇ କନାସିଂ ଗ୍ରାମବସୀ ସ୍ୱଚ୍ଛ ପାନୀୟ ଜଳ ମୁନ୍ଦେ ପାଇବାରୁ ବଂଚିତ ହେବା ଘଟଣା ଅତ୍ୟନ୍ତ ଦୁଃଖର ବିଷୟ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ନୟାଗଡ ଜିଲ୍ଲାପାଳ ଓ ଖଣ୍ଡପଡା ବିଡିଓ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray